# ଏକକ ୬: ଶିକ୍ଷାର୍ଥୀଙ୍କ ସ୍ୱଭାବ ଓ ସ୍ଥାନୀୟ ପ୍ରସଙ୍ଗକୁ ବୁଝିବା

ଟିପ୍ପଣୀ

ସଂରଚନା

୬.୦ ଉପକ୍ରମ

୬.୧ ଶିକ୍ଷଣ ଉଦ୍ଦେଶ୍ୟ

୬.୨. ଭାରତର ସାମାଜିକ-ସାଂସ୍କୃତିକ ଓ ଭାଷାଗତ ବିବିଧତା

୬.୩. ସାମାଜିକ ବିଜ୍ଞାନ ପ୍ରସଙ୍ଗକୁ ଶିକ୍ଷାର୍ଥୀମାନେ କିପରି ବୁଝନ୍ତି

୬.୪. ବୋଧଶକ୍ତି/ଜ୍ଞାନ ଶକ୍ତିର ବିକାଶ ଓ ଧାରଣା ସୃଷ୍ଟି

୬.୫ ଶିକ୍ଷାଶାସ୍ତ୍ର ବିଜ୍ଞାନର ମାର୍ଗ

୬.୬. ସାରାଂଶ

୬.୭. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୬.୮. ପାଠାନ୍ତ ପ୍ରଶ୍ନାବଳୀ

## ୬.୦ ଉପକ୍ରମ

ପୂର୍ବ ଏକକରେ ତୁମେ ସାମାଜିକ ବିଜ୍ଞାନର ବିଭିନ୍ନ ପାଠ ଯଥା- ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତି ବିଷୟରେ ଅଧ୍ୟୟନ କରିଛ; ଯାହାର ପୃଥକ୍ ପଦ୍ଧତି ଅଛି ଓ ଅଧ୍ୟୟନ ପାଇଁ ଯଥାଯଥ ସୀମାଭେଦ କରିବାକୁ ପଡିଥାଏ । ଏକ ପ୍ରଦତ୍ତ ସାମାଜିକ ଘଟଣାବଳୀକୁ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଭାବରେ ବୁଝାଇବା ପାଇଁ ଶିକ୍ଷକ ଏକାଧିକ ପଦ୍ଧତି ବ୍ୟବହାର କରିଥାନ୍ତି ଅଥବା ବିଭିନ୍ନ ପାଠ୍ୟକ୍ରମରୁ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ଏକୀକୃତ କରିଥାନ୍ତି । ପ୍ରକଳ୍ପ ପ୍ରସ୍ତୁତ କରିବାରେ ବିଭିନ୍ନ ସାମାଜିକ ବିଜ୍ଞାନ ପାଠରୁ ବିଷୟବସ୍ତୁ ଆଣି ଛାତ୍ରଛାତ୍ରୀଙ୍କୁ ସହାୟତା କରିବା ତୁମେ ମଧ୍ୟ ଶିକ୍ଷା କରିଛ । ତୁମେ ନିଶ୍ଚିତ ଭାବରେ ପଦ୍ଧତିଗୁଡ଼ିକୁ ଉପଭୋଗ କରିଥିବ ଏବଂ ପିଲାମାନେ ସାମାଜିକ ଘଟଣାବଳୀକୁ କିପରି ବୁଝିପାରିବେ କିଛି ସୂଚନାପ୍ରାପ୍ତ ମଧ୍ୟ କରିଥିବ । ଏହି ଏକକରେ ଆମେ ପ୍ରାରମ୍ଭିକ ସ୍ତରରେ ବିବିଧ ସାମାଜିକ ପ୍ରସଙ୍ଗରେ ସାମାଜିକ ବିଜ୍ଞାନ ଶିକ୍ଷଣର ପ୍ରକ୍ରିୟା ଓ ଶିକ୍ଷଣ ଶାସ୍ତ୍ର ବିଜ୍ଞାନର ମାର୍ଗ ବିଷୟରେ ଜାଣିବା । ଭାରତ ବିବିଧତାର ଏକ ରାଷ୍ଟ୍ର । ବିବିଧତାର ପ୍ରମୁଖ ଉତ୍ସ ଯଥା-ମୂଳ ବାସିନ୍ଦା, ଧର୍ମ ଓ ଭାଷା ଅଟେ । ଶିକ୍ଷାର୍ଥୀଙ୍କ ମଧ୍ୟରେ ଗାଣତନ୍ତ୍ରିକ ଭାବବିନିମୟକୁ ଏହା ସୁଗମ କରୁଥିବାରୁ ଏହାର ଶିକ୍ଷଣ ବିଶେଷକରି ବିଦ୍ୟାଳୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ପରିସ୍ଥିତିରେ ଶିକ୍ଷକ ବିବିଧତାକୁ ସମ୍ମାନ ପ୍ରଦର୍ଶନ; ମୁକ୍ତ ଆଲୋଚନାକୁ ସୁଗମ କରୁଥିବା; ସମୂହ ନିଷ୍ପତ୍ତି ନିର୍ଣ୍ଣୟ; ସାମାଜିକ ଭାବବିନିମୟ ଏବଂ ବିବିଧ ଚିନ୍ତନକୁ ଗୁରୁତ୍ୱ ପ୍ରଦାନ; ବହୁମୁଖୀ ମତକୁ ପ୍ରଶଂସା; ବିଭିନ୍ନ ସାମାଜିକ ପୃଷ୍ଠଭୂମିର ଛାତ୍ରଛାତ୍ରୀଙ୍କ ଶିକ୍ଷଣକୁ ସୁଗମ କରୁଥିବା ଶିକ୍ଷାଦାନ/ଶିକ୍ଷଣ ସିଦ୍ଧାନ୍ତ ବ୍ୟବହାର କରିଥାନ୍ତି ।

## ୬.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ଅଧ୍ୟୟନ କରିବା ପରେ ତୁମେ ସକ୍ଷମ ହେବ:

ଟିପ୍ପଣୀ

(କ) ଶିକ୍ଷାର୍ଥୀଙ୍କ ମଧ୍ୟରେ ଧର୍ମ ଏବଂ ଭାଷା ସମେତ ସାମାଜିକ-ସାଂସ୍କୃତିକ ବିବିଧତାର ପରିସରର ତାଲିକା ପ୍ରସ୍ତୁତି କରିବା ।

(ଖ) ଏହିସବୁ ପରିସର ଆଧାରରେ ସେମାନଙ୍କ ଆତ୍ମପଞ୍ଜିକା ପ୍ରସ୍ତୁତ କରିବା ।

(ଗ) ସାମାଜିକ ପ୍ରସଙ୍ଗରେ ବହୁବିଧ ମତାମତ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଗଣତନ୍ତ୍ରିକ ପଦ୍ଧତିରେ ବାର୍ତ୍ତାଳାପକୁ ପ୍ରଶଂସା କରିବା ।

(ଘ) ସାମାଜିକ ବିଜ୍ଞାନ ଶ୍ରେଣୀରେ ଖୋଲା ଆଲୋଚନା ଓ ଦଳଗତ ନିଷ୍ପତ୍ତି ଗ୍ରହଣକୁ ସୁଗମ କରିବା ।

(ଙ) ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ କାହାଣୀ, ସଂଗୀତ, ଉତ୍ସବ, ଭାଷା, କୃଷି, ପ୍ରାକୃତିକ ସମ୍ବଳ ସମେତ ସ୍ଥାନୀୟ ପ୍ରସଙ୍ଗର ବ୍ୟବହାର କରିବା ।

(ଚ) ଶିକ୍ଷାର୍ଥୀଙ୍କ ସାମାଜିକ ସାଂସ୍କୃତିକ ପୃଷ୍ଠଭୂମି ଯଥା- ଧର୍ମ, ସାମାଜିକ ଶ୍ରେଣୀ, ଜୀବନ ଧାରଣର ମାନ, ପିତାମାତାଙ୍କ ଶିକ୍ଷାକୁ ଆନୁଷ୍ଠାନିକ ଉପକରଣ ଭାବରେ ବ୍ୟବହାର କରିବା ।

(ଛ)ସାମାଜିକ ଭାବବିନିମୟ ଓ ସମୂହ ଚିନ୍ତନକୁ ସାମାଜିକ ବିଜ୍ଞାନ ଶିକ୍ଷାଦାନ /ଶିକ୍ଷଣରେ ଏକ ପ୍ରଭାବୀ ସିଦ୍ଧାନ୍ତ ଭାବରେ ସୁଗମ କରିବା ।

(ଜ) ଶିକ୍ଷାର୍ଥୀଙ୍କ ବିକାଶ ସଂକ୍ରାନ୍ତ ସ୍ତରକୁ ସୁହାଉଥିବା ଧାରଣା, ସାମଗ୍ରୀ ଏବଂ ଶିକ୍ଷାଦାନ ଶିକ୍ଷଣ କ୍ରିୟାକଳାପର ଚିହ୍ନଟ କରିବା ।

(ଝ) ଧାରଣା ଗଠନକୁ ସୁଗମ କରିବା ପାଇଁ ସ୍ଥାନୀୟ ପ୍ରସଙ୍ଗ ଓ ସମ୍ବଳ ଆଧାରରେ ଶିକ୍ଷଣ କ୍ରିୟାକଳାପ ପ୍ରସ୍ତୁତି କରିବା ।

## ୬.୨. ଭାରତର ସାମାଜିକ-ସାଂସ୍କୃତିକ ଓ ଭାଷାଗତ ବିବିଧତା

ଭାରତ ଏହାର ଜୈବିକ ଓ ସାଂସ୍କୃତିକ ବିବିଧତା ପାଇଁ ଅତୁଲ୍ୟ । ମୂଳ ବାସିନ୍ଦା, ଧର୍ମ ଓ ଭାଷା ବିବିଧତାର ପ୍ରମୁଖ ଉତ୍ସ । ଏହି ଦେଶରେ ୪୬୩୫ଟି ଚିହ୍ନିତ ହୋଇଥିବା ଗୋଷ୍ଠୀ ରହିଛି; ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ନିଜସ୍ୱ ପରିପାଟୀ, ଭାଷା, ପୂଜାର୍ଚ୍ଚନା ଶୈଳୀ, ବୃତ୍ତି, ଖାଦ୍ୟାଭ୍ୟାସ ଏବଂ ଲାଳନପାଳନ ରହିଛି । ଅନ୍ୟାନ୍ୟ ରାଷ୍ଟ୍ରରେ ପ୍ରାଧାନ୍ୟ ବିସ୍ତାର କରୁଥିବା ମାନବ ସଂସ୍କୃତି ଅନ୍ୟର ବିଲୋପ କରିବାକୁ ଉଦ୍ୟମ ଅବ୍ୟାହତ ରଖିଥିଲାବେଳେ ଭାରତରେ ବିବିଧତାର ରକ୍ଷଣାବେକ୍ଷଣ ଧାରା ରହିଛି । ଗୋଟିଏ ଅଞ୍ଚଳର ବିଭିନ୍ନ ଜାତି, ପ୍ରଜାତି ଏବଂ ଗୋଷ୍ଠୀ ସେମାନଙ୍କର ପୃଥକ୍ ପରିଚୟର ସୁରକ୍ଷାକରିବା ସତ୍ତ୍ୱେ ଜନସଂଖ୍ୟାର ଭିନ୍ନ ପ୍ରଜାତି ସହ ଜୈବିକ ସମ୍ପର୍କ ରଖିଥାନ୍ତି । ଭାରତରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ନିରନ୍ତର ଭାବବିନିମୟ ହୋଇଥାଏ ଏବଂ ସେମାନେ ନିରନ୍ତର ଭାବରେ ସାଂସ୍କୃତିକ ସମ୍ପର୍କ ବିଶେଷକରି ସମ୍ବଳ ବିନିମୟ, ବିଶେଷ ଗୁଣ ଏବଂ ସ୍ଥାନଗତ ସମ୍ପର୍କ ସ୍ଥାପନ କରିଥାନ୍ତି । ଏହିସବୁ ଧାରା ବାସ୍ତବରେ ଭାରତର ଯୌଗିକ ଏବଂ ସାଂସ୍କୃତିକ ଏକତାର ଅଦ୍ୱିତୀୟ ସ୍ୱରୂପକୁ ଗଠନ କରିଛି । ଗବେଷଣାରୁ ଜଣାଯାଏ, ଲୋକାଦ୍ଭୁତ ସାଂସ୍କୃତିକ ଗୁଣବତ୍ତା ଯଥା- ଖାଦ୍ୟାଭ୍ୟାସ, ବିବାହ ପ୍ରକାର, ସାମାଜିକ ପ୍ରଥା, ସାମାଜିକ ସଂଗଠନ, ଅର୍ଥନୀତି ଓ ବୃତ୍ତି ଅଞ୍ଚଳ ନିର୍ବିଶେଷରେ ବିଦ୍ୟମାନ । ହିନ୍ଦୁମାନେ ମୁସଲମାନ୍ଙ୍କ ସହିତ ୯୬.୭୭% ବିଶେଷଗୁଣ ବିନିମୟ କରୁଥିଲାବେଳେ ବୌଦ୍ଧଧର୍ମାବଲମ୍ବୀଙ୍କ ସହ ୯୧.୧୯%, ଶିଖଙ୍କ ସହ ୮୯.୯୯%, ଜୈନ୍ଙ୍କ ସହ ୭୭.୪୬% ବିନିମୟ କରନ୍ତି । ମୁସଲମାନ୍ମାନେ ବୌଦ୍ଧଧର୍ମାବଲମ୍ବୀଙ୍କ ସହ ୯୧.୧୮%, ଶିଖଙ୍କ ସହ ୮୯.୯୫%, ଜୈନମାନେ ବୌଦ୍ଧଧର୍ମାବଲମ୍ବୀଙ୍କ ସହ ୮୧.୩୪% ବିନିମୟ କରନ୍ତି । ଅନୁସୂଚୀତ ଜନଜାତି (ଏସ୍ଟି) ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ)ଙ୍କ ସହ ୯୬.୬୧%, ମୁସଲମାନ୍ଙ୍କ ସହ ୯୫.୮୨%, ବୌଦ୍ଧଙ୍କ ସହ ୯୧.୬୯%, ଅନୁସୂଚୀତ ଜାତି (ଏସ୍ସି)ଙ୍କ ସହ ୯୧.୨୯%, ଶିଖଙ୍କ ସହ ୮୮.୨୦% (K.S.Singh, 1996; www.islamzl.net/pages/Keyissues/Key 3-21.htm.). ବିନିମୟ କରିଥାନ୍ତି । ଏଥିରୁ ଏହା ସୁସ୍ପଷ୍ଟ ଯେ ଏକଦା ଧ୍ରୁବୀକୃତ ପରିଚୟ ପ୍ରଦାନ କରୁଥିବା ସଂସ୍କୃତି ବିବିଧ ସଂସ୍କୃତି ଅଟେ । ଆମେ ଗଭୀର ଭାବରେ ପରସ୍ପରକୁ ପ୍ରଭାବିତ କରିଥାଉ ବିଶେଷକରି ପ୍ରତ୍ୟେକ କ୍ଷେତ୍ରରେ ଆମେ ପ୍ରଭାବିତ କରୁ ।

ତୁମେ ମଧ୍ୟ ତୁମ ଅଞ୍ଚଳରେ ଜାତି/ସାମାଜିକ ଗୋଷ୍ଠୀ, ପ୍ରଜାତି, ଭାଷା, ଧର୍ମ ଓ ବୃତ୍ତି ଆଧାରରେ ସାମାଜିକ ସାଂସ୍କୃତିକ ବିବିଧତାକୁ ଲକ୍ଷ୍ୟ କରିଥିବ । ତୁମେ ତୁମ ଅଞ୍ଚଳର ବିବିଧତା ବିଷୟରେ କେତେ ବୁଝିପାରିଲ ଜାଣିବା ପାଇଁ କ୍ରିୟାକଳାପ-୧ ପ୍ରଦାନ କରାଯାଇଛି ।

**କ୍ରିୟାକଳାପ-୧**

୧- ଧର୍ମ, ଜାତି/ଗୋଷ୍ଠୀ ଏବଂ ବୃତ୍ତି ଆଧାରରେ ତୁମ ଅଞ୍ଚଳର/ଅନ୍ୟ ସ୍ଥାନର ସାମାଜିକ ସଂଗଠନ/ଗୋଷ୍ଠୀର ନାମ ଏବଂ ପ୍ରତ୍ୟେକର ମୌଳିକ ବିଶେଷତ୍ୱ ଲେଖ । ତୁମ ପାଇଁ ଗୋଟିଏର ଉଦାହରଣ ନିମ୍ନରେ ଦିଆଗଲା। ।

**ସାମାଜିକ ସଂଗଠନ/ଗୋଷ୍ଠୀ** **ମୌଳିକ ବିଶେଷତ୍ୱ**

କ)

ଖ)

ଗ)

୨- ସାଧାରଣ ସାଂସ୍କୃତିକ ବିଶେଷ ଗୁଣ (ଉଦାହରଣ-ପୋଷାକ,ଖାଦ୍ୟାଭ୍ୟାସ, ଭାଷା) ରହିଥିବା ତୁମ ଅଞ୍ଚଳର/ଅନ୍ୟ ସ୍ଥାନର ସାମାଜିକ ସଂଗଠନ/ଗୋଷ୍ଠୀ/ସମୂହଗୁଡ଼ିକୁ ଚିହ୍ନଟ କର ଏବଂ ଗୋଷ୍ଠୀ/ସମୂହ ପାର୍ଶ୍ୱରେ ତାହାର ବିଶେଷଗୁଣକୁ ବର୍ଣ୍ଣନା କର ।

**ସାମାଜିକ ସଂଗଠନ/ସମୂହ** **ମୌଳିକ ବିଶେଷତ୍ୱ**

କ)

ଖ)

ଗ)

### ୬.୨.୧ ଧାର୍ମିକ ବିବିଧତା

ଧାର୍ମିକ ବିବିଧତା ଶହଶହ ବର୍ଷ ଧରି ଭାରତୀୟ ଜନସଂଖ୍ୟାର ବିଶେଷତ୍ୱ ବଖାଣି ଆସୁଛି । ସମ୍ଭବତଃ ପୃଥିବୀର ଯେକୌଣସି ସ୍ଥାନ ତୁଳନାରେ ଭାରତରେ ଧାର୍ମିକ ବିବିଧତା ଅଧିକ । ଏହା ହିନ୍ଦୁତ୍ୱ, ବୌଦ୍ଧଧର୍ମ, ଜୈନ ଏବଂ ଶିଖ୍ ଧର୍ମର ଉତ୍ପତ୍ତିସ୍ଥଳ । ଏହା ପାର୍ସୀ ଧର୍ମାବଲମ୍ବୀ ବାସ କରୁଥିବା ପୃଥିବୀର ମାତ୍ର କିଛି ସ୍ଥାନ ମଧ୍ୟରେ ଅନ୍ୟତମ ଅଟେ । ଭାରତ ହିନ୍ଦୁଧର୍ମ, ବୌଦ୍ଧଧର୍ମ, ଜୈନଧର୍ମ ଏବଂ ଶିଖଧର୍ମର ଆଧାର ସ୍ଥାନ ହୋଇଥିଲାବେଳେ ଇସ୍‌ଲାମ ମଧ୍ୟ ଦୀର୍ଘ ଦିନଧରି ଉପସ୍ଥିତି ଜାହିର କରି ଆସିଛି । ସେହିପରି ମଧ୍ୟ ଜୁଦାଇ, ଖ୍ରୀଷ୍ଟଧର୍ମ ଓ ବାହାଇ ଧର୍ମର ଲୋକମାନେ ଭାରତରେ ବସବାସ କରିଆସୁଛନ୍ତି । ଭାରତର କୌଣସି ଜାତୀୟ ଧର୍ମ ନଥିଲେ ହେଁ ଭାରତୀୟଙ୍କ ଦୈନନ୍ଦିନ ଜୀବନରେ ଧର୍ମ ଏହାର ଉତ୍ସବାନୁଷ୍ଠାନ, ତୀର୍ଥଯାତ୍ରା, ପାରିବାରିକ ଧାର୍ମିକ ପରମ୍ପରା ଏବଂ ଏହିପରି ଅନେକ ଜରିଆରେ ପ୍ରମୁଖ ଭୂମିକା ନିଭାଇଥାଏ । ଭାରତରେ ଧର୍ମକୁ ପାଶ୍ଚାତ୍ୟ ରାଷ୍ଟ୍ର ତୁଳନାରେ ଅଧିକ ଗମ୍ଭୀରତାର ସହ ନିଆଯାଇଥାଏ । ୨୦୦୧ ଜନଗଣନା ଅନୁସାରେ, ଭାରତୀୟ ଜନସଂଖ୍ୟାର ୮୧% ହିନ୍ଦୁଥିଲେ; ଅବଶିଷ୍ଟ ଅନ୍ୟାନ୍ୟ ଧର୍ମାବଲମ୍ବୀ (ସାରଣୀ-୧ ଦେଖ) । ଜମ୍ମୁ-କାଶ୍ମୀର ବ୍ୟତୀତ ଅନ୍ୟ ସବୁ ରାଜ୍ୟରେ ହିନ୍ଦୁମାନେ ସଂଖ୍ୟାଧିକ ଅଛନ୍ତି । ମୁସଲମାନ୍‌ମାନେ ଦେଶର ଦ୍ୱିତୀୟ ସଂଖ୍ୟାଗରିଷ୍ଠ ଅଟନ୍ତି । ଅନ୍ୟ ସବୁ ଧର୍ମର ଲୋକଙ୍କ ଠାରୁ ମୁସଲମାନ୍‌ଙ୍କ ସଂଖ୍ୟା ଅଧିକ ।

ସାରଣୀ-୧: ଧର୍ମୀୟ ଜନସଂଖ୍ୟା ଆଧାରରେ

ଭାରତର ଲୋକସଂଖ୍ୟା (୧୯୬୧ରୁ ୨୦୦୧ ଜନଗଣନା)

| ଧର୍ମୀୟ ସମ୍ପ୍ରଦାୟ | ଲୋକସଂଖ୍ୟା ହାର | | | | |
|---|---|---|---|---|---|
| | ୧୯୬୧ | ୧୯୭୧ | ୧୯୮୧ | ୧୯୯୧ | ୨୦୦୧ |
| ହିନ୍ଦୁ | ୮୩.୫ | ୮୨.୭ | ୮୨.୬ | ୮୨.୪ | ୮୦.୫ |
| ମୁସଲମାନ୍ | ୧୦.୭ | ୧୧.୨୧ | ୧୧.୪ | ୧୧.୭ | ୧୩.୪ |
| ଖ୍ରୀଷ୍ଟିଆନ୍ | ୨.୪ | ୨.୬ | ୨.୪ | ୨.୩ | ୨.୩ |
| ଶିଖ୍ | ୧.୮ | ୧.୯ | ୨.୦ | ୨.୦ | ୧.୯ |
| ବୌଦ୍ଧ | ୦.୭ | ୦.୭ | ୦.୭ | ୦.୮ | ୦.୮ |
| ଜୈନ୍ | ୦.୫ | ୦.୫ | ୦.୫ | ୦.୪ | ୦.୪ |
| ଅନ୍ୟାନ୍ୟ | ୦.୪ | ୦.୪ | ୦.୪ | ୦.୪ | ୦.୬ |

*ଉତ୍ସ: ୧-ଭାରତର ଜନଗଣନା, ସିରିଜ୍-୧, ଭାରତ, ଭାଗ ୨ଗ; ୨-ଜନଗଣନା ୧୯୮୧, ସିରିଜ୍ ୧, ୧୯୮୪ର ଦଲିଲ୍-୩; ୩-୧୯୯୫ର ଭାରତୀୟ ଜନଗଣନା (ଧର୍ମ) ସିରିଜ୍ ୧, ଦଲିଲ୍ ୧; ୪- ୨୦୦୧ ଜନଗଣନା, ଧର୍ମ ଆଧାରିତ ପ୍ରଥମ ରିପୋର୍ଟ।*

### ୬.୨.୨ ଭାଷାଗତ ବିବିଧତା

ଭାଷା ଜନସଂଖ୍ୟାର ଏକ ପ୍ରମୁଖ ବିଶେଷତ୍ୱ। ଭାରତ ପରି ଏକ ବହୁ ଭାଷାଭାଷୀ ଓ ବହୁ ମୂଳବାସିନ୍ଦା ଥିବା ଦେଶରେ ଏହାର ବିଶେଷ ପ୍ରାସଙ୍ଗିକତା ଓ ମହତ୍ୱ ରହିଛି। ଭାଷା ବିବିଧତାର ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଭାରତରେ ୩୨୫ଟି ଭାଷା ଏବଂ ୨୫ଟି ଲିପି ବ୍ୟବହୃତ। ହଜାର ହଜାର ଉପଭାଷା ବ୍ୟତିରେକ ଏହିସବୁ ଭାଷା ଏବଂ ଲିପି ବିଭିନ୍ନ ଭାଷାଗତ ଗୋଷ୍ଠୀ/ପରିବାର: ଇଣ୍ଡୋ-ଆର୍ଯ୍ୟାନ୍, ତିବ୍ବତୀୟ-ବର୍ମନ୍, ଦ୍ରାବିଡିଆନ୍, ଅଷ୍ଟ୍ରୋ-ଏସିଆଟିକ୍, ଆଣ୍ଡାମାନିଜ୍, ସେମିଟିକ୍, ଇଣ୍ଡୋ-ଇରାନିଆନ୍, ସିନୋ-ତିବ୍ବତୀୟ ଏବଂ ଇଣ୍ଡୋ-ଇଉରୋପୀୟରୁ ଆନୀତ। ଗୋଷ୍ଠୀର ଅନ୍ୟୂନ ୬୫% ଦ୍ୱିଭାଷୀୟ। ଜନଜାତି ସମ୍ପ୍ରଦାୟରୁ ଅଧିକାଂଶ ବହୁଭାଷୀୟ (http://www.indianchild.com/indian_languages.htm)। ସଂଖ୍ୟାଧିକ ମାତୃଭାଷା ସାଂସ୍କୃତିକ ପରିଭାଷା ଏବଂ ବିବିଧତା ସଂରକ୍ଷଣର ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଦ୍ୱିଭାଷୀ ଜରିଆରେ ଭାଷାଗତ ସମ୍ପର୍କ ସ୍ଥାପନ ସାମାଜିକ ଓ ସାଂସ୍କୃତିକ ଭାବ ବିନିମୟର ପ୍ରମୁଖ ମାଧ୍ୟମ ଅଟେ।

**କ୍ରିୟାକଳାପ-୨**

୧- ତୁମ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଦେଶୀୟ ଭାଷା ବ୍ୟବହାର କରୁଥିବା ଛାତ୍ରଛାତ୍ରୀଙ୍କ ପାଖାପାଖି ସଂଖ୍ୟା ଲେଖ-

| ଦେଶୀୟ ଭାଷା | ଛାତ୍ରଛାତ୍ରୀଙ୍କ ସଂଖ୍ୟା |
|---|---|
| କ) | |
| ଖ) | |
| ଗ) | |

୨-ବିଭିନ୍ନ ପ୍ରକାର ପାରିବାରିକ ଭାଷା ଯୋଗୁଁ ତୁମ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିବାରେ ତୁମେ କୌଣସି ସମସ୍ୟାର ସମ୍ମୁଖୀନ ହୁଅ କି? ସେହି ସମସ୍ୟାଗୁଡ଼ିକୁ ବର୍ଣ୍ଣନା କର।

ଟିପ୍ପଣୀ

## ୬.୩. ସାମାଜିକ ବିଜ୍ଞାନ ପ୍ରସଙ୍ଗକୁ ଶିକ୍ଷାର୍ଥୀମାନେ କିପରି ବୁଝନ୍ତି

ସମାଜରେ ମାନବ ଓ ମାନବ ଗୋଷ୍ଠୀର ଏକ ସାଧାରଣ ଓ ମହତ୍ତ୍ୱପୂର୍ଣ୍ଣ ବୋଧଶକ୍ତି ବିକଶିତ କରିବା ସାମାଜିକ ବିଜ୍ଞାନର ଲକ୍ଷ୍ୟ ଅଟେ । ସାମୁହିକ ଜୀବନରେ ମାନବ ବ୍ୟବହାରର ସେମାନେ ଧାରଣା କରନ୍ତି ଏବଂ ସମାଜରେ ସେମାନେ ପର୍ଯ୍ୟବେକ୍ଷଣ ଜରିଆରେ ତାହାକୁ ପ୍ରମାଣିତ କରିଥାନ୍ତି । ଉଦାହରଣ ସ୍ୱରୂପ- ଏକ ପିଲା ତା' (ଝିଅ/ପୁଅ) ପରିବାର ସଦସ୍ୟ, ପରିବାରରେ ସାଙ୍ଗସାଥୀ ଓ ଶିକ୍ଷକ, ଗୋଷ୍ଠୀ ଓ ବିଦ୍ୟାଳୟ ସହ କଥାବାର୍ତ୍ତା ହେଲାବେଳେ ଅନ୍ୟାନ୍ୟ କଥା ସମେତ ଭିନ୍ନଭିନ୍ନ ପ୍ରକାରର ପୋଷାକ, ଖାଦ୍ୟାଭ୍ୟାସ ଓ ଧାର୍ମିକ ଅଭ୍ୟାସକୁ ଲକ୍ଷ୍ୟ କରେ ଏବଂ ତା' ପରିବେଶ ସଂକ୍ରାନ୍ତରେ ନିଜର ବୋଧଶକ୍ତିର ବିକାଶ କରେ । ବୁଝିବା ପ୍ରକ୍ରିୟା ଦୃଷ୍ଟିରୁ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ଏକା ପ୍ରକାରର । ଆହୁରି ମଧ୍ୟ ସାମାଜିକ ବିଜ୍ଞାନର ମୌଳିକ ସମସ୍ୟାର ସମାଧାନ ପାଇଁ ସାମାଜିକ ବିଶ୍ୱର ବର୍ଣ୍ଣନା, ବ୍ୟାଖ୍ୟାନ ଓ ଆକଳନ ପ୍ରଭୃତି ଶିକ୍ଷଣର ମୌଳିକ ସିଦ୍ଧାନ୍ତର ପ୍ରଯୋଗ କରାଯାଇଥାଏ ।

ମନୋବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ସଦ୍ୟତମ ଗବେଷଣା ସାମାଜିକ ବିଜ୍ଞାନ ସମେତ ବିଭିନ୍ନ ବିଷୟରେ ଶିକ୍ଷଣ ପ୍ରକ୍ରିୟାର ନୂତନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଛି । ପରିଣାମ ସ୍ୱରୂପ ବିଦ୍ୟାଳୟରେ ପାଠ୍ୟକ୍ରମ ଓ ଶିକ୍ଷାଦାନ ପରିବର୍ତ୍ତିତ ହୋଇଛି । ଏହି ପରିବର୍ତ୍ତିତ ଦୃଶ୍ୟପଟରେ ବାସ୍ତବ ଜୀବନର ଚିତ୍ରକୁ ବିଦ୍ୟାଳୟ ସହ ଯୋଡ଼ିବା, ସ୍ମରଣ ରଖିବା, ଡ୍ରିଲ୍ କରିବା ଓ ଅଭ୍ୟାସ ତୁଳନାରେ ଅଧିକ ବୁଝିବା ଜଣେ ଶିକ୍ଷକ ଭାବରେ ତୁମେ ଶିକ୍ଷକ କୈନ୍ଦ୍ରିକ ହେବା ତୁଳନାରେ ଅଧିକ ଶିକ୍ଷାର୍ଥୀ କୈନ୍ଦ୍ରିକ ହେବା ଆବଶ୍ୟକ । ଆମେ ଚାରିଟି ବିଶେଷ ଆଦ୍ଭୁତ ସିଦ୍ଧାନ୍ତ ସଂକ୍ରାନ୍ତରେ ଆଲୋଚନା ଆରମ୍ଭ କରିବା; ଯାହାକୁ ଭିତ୍ତିକରି ତୁମେ ତୁମ ବିଦ୍ୟାଳୟର ଶିକ୍ଷଣ ପରିବେଶର ନକ୍ସାଙ୍କନ କରିବା ଆବଶ୍ୟକ ।

(କ) ଛାତ୍ରଛାତ୍ରୀଙ୍କୁ ସକ୍ରିୟ ଶିକ୍ଷାର୍ଥୀ କରିବା ପାଇଁ ଆବଶ୍ୟକ ଶିକ୍ଷଣ ପରିବେଶ

(ଖ) ଅନ୍ୟ ଛାତ୍ରଛାତ୍ରୀଙ୍କ ସହ ସହଭାଗିତା

(ଗ) ଅର୍ଥପୂର୍ଣ୍ଣ କ୍ରିୟାକଳାପରେ ଅଂଶଗ୍ରହଣ

(ଘ) ପ୍ରାକ୍ ଜ୍ଞାନ ସହ ନୂତନ ସୂଚନାକୁ ସଂଯୋଜିତ କରିବା

ଛାତ୍ରଛାତ୍ରୀଙ୍କ ଶିକ୍ଷଣକୁ ସୁଗମ କରିବା ପାଇଁ ନିର୍ଦ୍ଦେଶନ ପ୍ରସ୍ତୁତିରେ ତୁମକୁ ଏହିସବୁ ସିଦ୍ଧାନ୍ତଗୁଡ଼ିକୁ ବିଚାରକୁ ନେବାକୁ ପଡ଼ିବ । ପରବର୍ତ୍ତୀ ଭାଗରେ ଏହିସବୁ ସିଦ୍ଧାନ୍ତର ସବିଶେଷ ଆଲୋଚନା କରାଯାଇଛି ।

### ୬.୩.୧ ସକ୍ରିୟ ସମ୍ପୃକ୍ତି

**ଶିକ୍ଷଣ ଶିକ୍ଷାର୍ଥୀଙ୍କ ସକ୍ରିୟ ଓ ରଚନାତ୍ମକ ସମ୍ପୃକ୍ତି ଆବଶ୍ୟକ କରେ**

ବିଦ୍ୟାଳୟରେ ଶିକ୍ଷଣ ଛାତ୍ରଛାତ୍ରୀଙ୍କ ଧ୍ୟାନ ଦେବା, ନିରୀକ୍ଷଣ କରିବା, ମନେରଖିବା, ବୁଝିବା, ଲକ୍ଷ୍ୟଧାର୍ଯ୍ୟ କରିବା ଏବଂ ନିଜସ୍ୱ ଶିକ୍ଷଣ ପାଇଁ ଉତ୍ତରଦାୟିତ୍ୱ ଗ୍ରହଣ କରିବା ଆବଶ୍ୟକ କରେ । ଏହି ସମସ୍ତ ଜ୍ଞାନ ସମ୍ବନ୍ଧୀୟ କ୍ଷମତା ସକ୍ରିୟ ସମ୍ପୃକ୍ତି ଓ ଶିକ୍ଷାର୍ଥୀଙ୍କ ନିୟୋଜନ ବିନା ବିକଶିତ ହୋଇପାରି ନଥାଏ ।

ପ୍ରାଥମିକ ସ୍ତରରେ ପିଲାମାନେ ପ୍ରାକୃତିକ ଓ ସାମାଜିକ ପରିବେଶ ବିଷୟରେ ବୁଝିବା ଶକ୍ତିର ବିକାଶ ପାଇଁ କ୍ରିୟାକଳାପରେ ନିୟୋଜିତ ହେବା ଉଚିତ । ଏହି ସ୍ତରରେ ବୁଝିବା ଶକ୍ତି ସାରଗ୍ରହଣ ପରିବର୍ତ୍ତେ ଅବଲୋକନ ଓ ଚିତ୍ରଣ ଆଧାରିତ ହେବା ଆବଶ୍ୟକ । ଚିତ୍ରଣ ପିଲାର ଭୌତିକ, ଜୈବିକ, ସାମାଜିକ ଓ ସାଂସ୍କୃତିକ ଜୀବନର ଦିଗରୁ ଆସିବା ଆବଶ୍ୟକ । ଅବଲୋକନ, ଚିହ୍ନଟକରଣ ଓ ବର୍ଗୀକରଣ ପରି ଦକ୍ଷତା ଏହି ସ୍ତରରେ ଜଣେ ସକ୍ରିୟ ଶିକ୍ଷାର୍ଥୀ ହେବା ପାଇଁ ଗୁରୁତ୍ୱପୂର୍ଣ୍ଣ ।

ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ବିଷୟ ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତିରୁ ଅଣାଯାଇଥାଏ । ଏହି ସ୍ତରରେ ଦାରିଦ୍ର୍ୟ, ନିରକ୍ଷରତା, ଶିଶୁ ଶ୍ରମିକ, ଜାତିପ୍ରଥା, ପରିବେଶ ପ୍ରଦୂଷଣ ପରି ପ୍ରସଙ୍ଗକୁ ଗୁରୁତ୍ୱ ପ୍ରଦାନ କରାଯାଇଥାଏ; ଯାହା ଛାତ୍ରଛାତ୍ରୀଙ୍କୁ ଏହି ସବୁ ସମସ୍ୟାକୁ ଅନ୍ୱେଷଣ କରିବା ଓ ବୁଝିବାରେ ସାହାଯ୍ୟ କରିଥାଏ ।

ତେଣୁ ପ୍ରାରମ୍ଭିକ ସ୍ତରରେ ଜଣେ ସାମାଜିକ ବିଜ୍ଞାନ ଶିକ୍ଷକ ଭାବରେ ତୁମେ କେବଳ ସମସାମୟିକ ସମସ୍ୟା ସଂକ୍ରାନ୍ତରେ ଛାତ୍ରଛାତ୍ରୀଙ୍କ ଅବଲୋକନ, ଚିହ୍ନଟକରଣ, ବର୍ଗୀକରଣ ଓ ବ୍ୟାଖ୍ୟାନ ଦକ୍ଷତା ବୃଦ୍ଧିରେ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବାରେ ନୁହେଁ, ବରଂ ଭାଷା ଓ ଗଣିତ ପରି ଅନ୍ୟାନ୍ୟ ବିଷୟର ଶିକ୍ଷାଦାନ ସହ ସେଗୁଡ଼ିକୁ ଏକୀକୃତ କରିବାରେ ଆହ୍ୱାନର ସମ୍ମୁଖୀନ ହେବ । ଏହି ସବୁ ଦକ୍ଷତା ହାସଲରେ ତୁମ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ ନିମ୍ନରେ ତୁମ ପାଇଁ କେତେକ ପ୍ରସ୍ତାବ ଦିଆଗଲା:-

**ଶ୍ରେଣୀକକ୍ଷରେ/ବିଦ୍ୟାଳୟରେ**

-ଦୀର୍ଘ ସମୟ ଧରି ପିଲାମାନେ ନିଷ୍କ୍ରିୟ ଶ୍ରୋତା ପରି ବସିଥିବା ସ୍ଥିତିକୁ ଏଡାଇବା ।

-ଛାତ୍ରଛାତ୍ରୀଙ୍କୁ ହସ୍ତଚାଳିତ ପରୀକ୍ଷଣ, ପର୍ଯ୍ୟବେକ୍ଷଣ ପ୍ରକଳ୍ପ ଇତ୍ୟାଦି ପରି କ୍ରିୟାକଳାପ ପ୍ରଦାନ କରିବା ।

-ଶ୍ରେଣୀକକ୍ଷ ଆଲୋଚନା ଓ ଅନ୍ୟାନ୍ୟ ସହଭାଗୀ କ୍ରିୟାକଳାପରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ।

-ସଂଗ୍ରହାଳୟ, ଚିଡିଆଖାନା ଓ ବୈଷୟିକ ଉଦ୍ୟାନକୁ ବିଦ୍ୟାଳୟ ପରିଦର୍ଶନର ଆୟୋଜନ କରିବା ।

-କ'ଣ ଅଧ୍ୟୟନ କରିବା ଏବଂ କିପରି ଅଧ୍ୟୟନ କରିବା ସଂକ୍ରାନ୍ତ କିଛି ନିଷ୍ପତ୍ତି ଗ୍ରହଣ ପାଇଁ ଛାତ୍ରଛାତ୍ରୀଙ୍କୁ ଅନୁମତି ଦେବା ।

-ପୂର୍ବ ଅଭିଜ୍ଞତା, ଆଗ୍ରହ ଓ ଆକାଂକ୍ଷା ସହ ସାମଞ୍ଜସ୍ୟ ଥିବା ଶିକ୍ଷଣ ଉଦ୍ଦେଶ୍ୟ ପ୍ରସ୍ତୁତ କରିବାରେ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରିବା ।

**କ୍ରିୟାକଳାପ-୩**

ସାମାଜିକ ବିଜ୍ଞାନ ବିଷୟବସ୍ତୁ ଶିକ୍ଷଣରେ ଛାତ୍ରଛାତ୍ରୀଙ୍କୁ ସକ୍ରିୟଭାବେ ଅଂଶଗ୍ରହଣ କରିବା ପାଇଁ ତୁମେ ଆୟୋଜନ କରୁଥିବା କାର୍ଯ୍ୟକ୍ରମ/କ୍ରିୟାକଳାପଗୁଡ଼ିକର ନାମ ଲେଖ:

| | ଶ୍ରେଣୀକକ୍ଷ ଆଧାରିତ କ୍ରିୟାକଳାପ | ଶ୍ରେଣୀକକ୍ଷ ବାହାରର କ୍ରିୟାକଳାପ |
|---|---|---|
| ୧ - | | |
| ୨ - | | |
| ୩ - | | |
| ୪ - | | |
| ୫ - | | |
| ୬- | | |

**କ୍ରିୟାକଳାପ-୪**

ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ତୁମ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ତୁମ ପସନ୍ଦର ଯେକୌଣସି ତିନିଟି ସାମାଜିକ ବିଜ୍ଞାନ ବିଷୟର କ୍ରିୟାକଳାପ/ଶିକ୍ଷଣ ସ୍ଥିତିର ପ୍ରସ୍ତାବ ଦିଅ-

| ବିଷୟ | କ୍ରିୟାକଳାପ/ଶିକ୍ଷଣ ସ୍ଥିତି |
|---|---|
| ୧. | |
| ୨. | |
| ୩. | |

### ୬.୩.୨ ସାମାଜିକ ଭାଗଦାରୀ/ଅଂଶଗ୍ରହଣ

ଶିକ୍ଷଣ ପ୍ରଥମତଃ ଏକ ସାମାଜିକ ପ୍ରକ୍ରିୟା ଏବଂ ବିଦ୍ୟାଳୟର ସାମାଜିକ ଜୀବନରେ ଅଂଶଗ୍ରହଣ ଶିକ୍ଷଣ ପ୍ରକ୍ରିୟାର କେନ୍ଦ୍ର ।

ସାମାଜିକ ଭାଗଦାରୀ ପ୍ରମୁଖ କ୍ରିୟାକଳାପ ଅଟେ ଯାହା ଜରିଆରେ ଶିକ୍ଷଣ ହୋଇଥାଏ । ସାମାଜିକ ପ୍ରକ୍ରିୟାରେ ଅଂଶଗ୍ରହଣ ପିଲାବେଳୁ ଆରମ୍ଭ ହୋଇଥାଏ; ଯେତେବେଳେ ପିତାମାତା ସେମାନଙ୍କ ପିଲାମାନଙ୍କ ସହ କଥାବାର୍ତ୍ତା କରିଥାନ୍ତି । ସମାଜରେ ଜଣେ ପ୍ରଭାବୀ ସଦସ୍ୟ ହେବା ପାଇଁ ଆବଶ୍ୟକ ବ୍ୟବହାର ସଂକ୍ରାନ୍ତରେ ଏହି କଥାବାର୍ତ୍ତା ଜରିଆରେ ପିଲାମାନେ କ୍ଷମତାଲାଭ କରିଥାନ୍ତି । ଲେବ୍ ଵାଇଗୋସ୍କି (୧୯୭୩)ଙ୍କ ଅନୁସାରେ ପିଲାମାନେ କ୍ରିୟାକଳାପ, ଅଭ୍ୟାସ, ଶବ୍ଦାବଳୀ ଏବଂ ସେମାନେ ବଢୁଥିବା ଗୋଷ୍ଠୀର ସଦସ୍ୟଙ୍କ ବିଚାରଧାରାର ଅନୁକରଣ ଜରିଆରେ ଶିକ୍ଷା କରନ୍ତି । ଫଳପ୍ରଦ ସହଭାଗିତା ଓ ସହଯୋଗିତା ସ୍ଥାପନ ବିଦ୍ୟାଳୟ ଶିକ୍ଷଣର ଏକ ଅତ୍ୟାବଶ୍ୟକ ଅଂଶ ଅଟେ ।

ସାମାଜିକ ବିଜ୍ଞାନରେ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ଏକ ପାରସ୍ପରିକ ଭାବବିନିମୟ ପରିବେଶରେ ଜ୍ଞାନ ଓ ଦକ୍ଷତା ଆହରଣ ପାଇଁ ପିଲାମାନଙ୍କୁ ସହାୟତା କରିବା ପରି ପ୍ରସ୍ତୁତ ହେବା ଆବଶ୍ୟକ । ଏହାକୁ ଶିକ୍ଷକ ଓ ଶିକ୍ଷାର୍ଥୀ ଏକାଠି ଶିକ୍ଷଣ ପାଇଁ ଏକ ସୁଯୋଗ ଭାବରେ ଦେଖାଯିବା ଉଚିତ । କେବଳ ସୂଚନା ପ୍ରଦାନ ପରିବର୍ତ୍ତେ ସାମୂହିକ କାର୍ଯ୍ୟ, ତର୍କ ଏବଂ ଆଲୋଚନାରେ ସାମିଲ ହେବା ପାଇଁ ପରିବର୍ତ୍ତନ ଆବଶ୍ୟକ ଅଟେ । ଶିକ୍ଷଣର ଏହି ପଦ୍ଧତି ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ସାମାଜିକ ବାସ୍ତବିକତା ପ୍ରତି ସଜାଗ କରିଥାଏ ।

ସାମାଜିକ ବିଜ୍ଞାନର ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ ଭାଗିଦାରୀ କରିବାରେ ନିମ୍ନଲିଖିତ ପରାମର୍ଶ ଓ ପ୍ରସ୍ତାବଗୁଡ଼ିକୁ ତୁମକୁ ସାହାଯ୍ୟ କରିପାରେ:-

-ଦଳଗତ ଭାବରେ କାର୍ଯ୍ୟ କରିବାକୁ ପିଲାମାନଙ୍କୁ ନିର୍ଦ୍ଦେଶନ ଦିଅ ଏବଂ ଜଣକୁ ସଂଯୋଜକ/କୋଚ୍ କାର୍ଯ୍ୟ ତୁଲାଇବା ପାଇଁ କୁହ ।

-ଶ୍ରେଣୀକକ୍ଷର ପରିବେଶକୁ ଏପରି କର ଯେଉଁଠାରେ ଦଳଗତ କାର୍ଯ୍ୟ ସମ୍ପାଦନ ପାଇଁ ସ୍ଥାନ ଥିବ ଏବଂ ସମ୍ବଳଗୁଡ଼ିକ ଆବଣ୍ଟିତ ହୋଇପାରୁଥିବ ।

-ପରସ୍ପରକୁ ସହଯୋଗ କରିବା ପାଇଁ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ କର ।

-ନିଜ ନିଜର ମତାମତ ପରସ୍ପର ସହ ବିନିମୟ କରିବା ଓ ମତାମତର ମୂଲ୍ୟାୟନ କରିବା ପାଇଁ ପରିବେଶ ସୃଷ୍ଟି କର ।

-ବିଦ୍ୟାଳୟକୁ ଗୋଷ୍ଠୀ ସହ ଯୋଡ଼ ଅର୍ଥାତ୍ ଗ୍ରାମରୁ ଲୋକମାନଙ୍କ ଖାଦ୍ୟାଭ୍ୟାସ, ବିଜୁଳି ବ୍ୟବହାର ବା ସେହିଧରଣର ତଥ୍ୟ ସଂଗ୍ରହ କାର୍ଯ୍ୟରେ ଛାତ୍ରଛାତ୍ରୀଙ୍କୁ ନିୟୋଜିତ କର ।

-ବିଭିନ୍ନ ସାମ୍ପ୍ରତିକ ସାମାଜିକ ସମସ୍ୟା ଯଥା-ଯୌତୁକ ପ୍ରଥା, ଜନସଂଖ୍ୟା ବୃଦ୍ଧି ଓ ବାଲ୍ୟବିବାହ ଆଦି ପ୍ରସଙ୍ଗରେ ତର୍କ/ଆଲୋଚନା/ସଂଳାପ ଆଦିର ବ୍ୟବସ୍ଥା କର ।

-ସ୍ଥାନୀୟ ସାଧନ ବ୍ୟକ୍ତି ଏବଂ ସର୍ବସାଧାରଣ କାର୍ଯ୍ୟକର୍ତ୍ତା ଯଥା- କଳାକାର, ଡାକବାଲା, ବ୍ୟାଙ୍କ ଅଧିକାରୀ, ପୁଲିସ ଅଧିକାରୀ, ଚାଷୀଙ୍କ ସହ ଛାତ୍ରଛାତ୍ରୀଙ୍କ ଆଲୋଚନା/ପର୍ଯ୍ୟାଲୋଚନା ଆୟୋଜନ କର ।

ଟିପ୍ପଣୀ

ବାକ୍ସ-୨ରେ ସ୍ଥାନୀୟ ପ୍ରକ୍ରିୟା ସହ ଛାତ୍ରଛାତ୍ରୀଙ୍କ ଭାଗଦାରୀର ଏକ ଉଦାହରଣ ପ୍ରଦାନ କରାଗଲା:-

**ଓଡ଼ିଶାର ଶିଶୁ ସାମ୍ବାଦିକ**

ୟୁନିସେଫ୍ ଓ ପିଲାମାନଙ୍କ ସହ ଏବଂ ଅନ୍ୟ ସମ୍ବନ୍ଧିତ ପ୍ରସଙ୍ଗରେ କାର୍ଯ୍ୟ କରୁଥିବା ନାଗରିକ ସଂଗଠନ ପିପୁଲ୍‌ସ ଗ୍ରୁପ୍ ଫର୍ ଚିଲ୍‌ଡ୍ରେନ୍‌ସ ଡେଭଲପମେଣ୍ଟ (ପିଜିସିଡି) ସହାୟତାରେ ଓଡ଼ିଶାର କୋରାପୁଟର ଜିଲା ସର୍ବଶିକ୍ଷା ଅଭିଯାନ ଦ୍ୱାରା ୨୦୦୫ରେ ଶିଶୁ ସାମ୍ବାଦିକ ପ୍ରକଳ୍ପ ଆରମ୍ଭ କରାଯାଇଥିଲା । କୋରାପୁଟ ଜିଲାର ୧୦ଟି ପ୍ରାଥମିକ ବିଦ୍ୟାଳୟର ୧୦୦ ଛାତ୍ରଛାତ୍ରୀଙ୍କୁ ନେଇ ଏହି ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ୨୦୧୦ ସୁଦ୍ଧା ଜିଲାର ୬୦୦ ବିଦ୍ୟାଳୟର ୬,୦୦୦ ଛାତ୍ରାତ୍ରୀଙ୍କୁ ଏହି ପ୍ରକଳ୍ପରେ ସାମିଲ କରାଯାଇଥିଲା । ଶିଶୁ ସାମ୍ବାଦିକମାନେ ସେମାନଙ୍କ ଆଖପାଖର ଲୋକଙ୍କ ସହ ବାର୍ତ୍ତାଳାପ କରୁଥିଲେ ଏବଂ ପରିବେଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିକାଶ ଇତ୍ୟାଦି ପ୍ରସଙ୍ଗକୁ ଅବଲୋକନ କରୁଥିଲେ । ସେମାନେ ଏହିସବୁ ସମସ୍ୟାକୁ ଲେଖୁଥିଲେ ଏବଂ ଏକ ଓଡ଼ିଆ ଖବରକାଗଜ 'ଅନୁପମ ଭାରତ' ସେମାନଙ୍କର ଏହି ଲେଖାକୁ 'ଅଙ୍କୁରୋଦ୍ଗମ' ପତ୍ରିକା ଆକାରରେ ପ୍ରକାଶ ଓ ବିତରଣ କରୁଥିଲେ । ସେମାନେ ସେମାନଙ୍କୁ, ସେମାନଙ୍କ ପିତାମାତାଙ୍କୁ, ସେମାନଙ୍କ ଗୋଷ୍ଠୀ ଏବଂ ଗାଁକୁ ପ୍ରଭାବିତ କରୁଥିବା ସମସ୍ୟାକୁ ଅବଲୋକନ କରୁଥିଲେ, ପ୍ରଶ୍ନ କରୁଥିଲେ, ସମ୍ବନ୍ଧିତ କରୁଥିଲେ, ମତାମତ ଲେଖୁଥିଲେ ଏବଂ ତାହାର ରିପୋର୍ଟ ପ୍ରସ୍ତୁତ କରୁଥିଲେ । ସେମାନେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁଥିବା ଏବଂ ପରିବର୍ତ୍ତନର ଜଣେ ଜଣେ ପ୍ରଭାବୀ ସଂଚାରକ ଓ ଅଧିକର୍ତ୍ତା ହୋଇଥିବା କ୍ଷେତ୍ର ଅବଲୋକନ, ଓଭରଟାଇମ୍‌ରୁ ଜଣାପଡ଼ିଥିଲା ।

**କ୍ରିୟାକଳାପ-୫**

ସାମାଜିକ ଭାଗଦାରୀ/ଭାବ ବିନିମୟକୁ ସୁଗମ କରୁଥିବା ସାମାଜିକ ବିଜ୍ଞାନ ଶିକ୍ଷାଦାନ ପ୍ରସଙ୍ଗରେ ତୁମେ କୌଣସି କ୍ରିୟାକଳାପ ଆୟୋଜନ କରିଛ କି ? ଯଦି ହଁ, ନିମ୍ନରେ ସବିଶେଷ ବିବରଣୀ ଲେଖ:-

| କ୍ରିୟାକଳାପର ନାମ/ପ୍ରକାର | କ୍ରିୟାକଳାପର ସବିଶେଷ ତଥ୍ୟ |
|---|---|
| ୧ | |
| ୨ | |
| ୩ | |

**କ୍ରିୟାକଳାପ-୬**

'X' ଏବଂ 'Y' ନାମକ ଦୁଇ ଜଣ ଛାତ୍ର ସମାଜରେ ଲିଙ୍ଗଗତ ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରୁଛନ୍ତି । 'X' ଲିଙ୍ଗଗତ ସମାନତାକୁ ସମର୍ଥନ କରୁଥିଲା ବେଳେ 'Y'ଏହାର ବିପରୀତ କଥା କହୁଛି । ପ୍ରତ୍ୟେକଙ୍କ ମତାମତକୁ ନେଇ ସଂଳାପ ଆକାରରେ କଥୋପକଥନ ପ୍ରସ୍ତୁତ କର ।

## ୬.୩.୩ ଅର୍ଥପୂର୍ଣ୍ଣ କ୍ରିୟାକଳାପ

*ବାସ୍ତବ ଜୀବନରେ ଉପଯୋଗୀ ଏବଂ ସାଂସ୍କୃତିକଭାବରେ ପ୍ରାସଙ୍ଗିକ ହେଉଥିବା କ୍ରିୟାକଳାପରେ ଅଂଶଗ୍ରହଣରୁ ପିଲାମାନେ ଉତ୍ତମ ଶିକ୍ଷାଲାଭ କରିଥାନ୍ତି ।*

ଅଧିକାଂଶ ବିଦ୍ୟାଳୟ କ୍ରିୟାକଳାପ ଅର୍ଥପୂର୍ଣ୍ଣ ହୋଇନଥାଏ । ଏହାର କାରଣ ହେଲା ଛାତ୍ରଛାତ୍ରୀମାନେ ନା ବୁଝିଥାନ୍ତି ନା ସେଗୁଡ଼ିକର ଉଦ୍ଦେଶ୍ୟ ଓ ବ୍ୟବହାର ବିଷୟରେ ଅବଗତ ଥା'ନ୍ତି । ବେଳେବେଳେ ବିଦ୍ୟାଳୟ କ୍ରିୟାକଳାପଗୁଡ଼ିକ ସାଂସ୍କୃତିକ ଭାବରେ ଯଥାର୍ଥ ହୋଇନଥିବାରୁ ଅର୍ଥପୂର୍ଣ୍ଣ ହୋଇନଥାଏ । ଆମ ଦେଶର ଅଧିକାଂଶ ବିଦ୍ୟାଳୟରେ ବିଭିନ୍ନ ସଂସ୍କୃତିର ପିଲାମାନେ ଏକାଠି ଶିକ୍ଷାଲାଭ କରିଥାନ୍ତି । କାର୍ଯ୍ୟ, ଅଭ୍ୟାସ ଏବଂ ସାମାଜିକ ଭୂମିକା ଆଦିରେ ସାଂସ୍କୃତିକ ଭିନ୍ନତା ରହିଥାଏ; ଯାହା ଶିକ୍ଷଣକୁ ପ୍ରଭାବିତ କରେ । ବେଳେବେଳେ ଗୋଟିଏ ସାଂସ୍କୃତିକ ଗୋଷ୍ଠୀର ପିଲାଙ୍କ ପାଇଁ ଏକ ଅର୍ଥପୂର୍ଣ୍ଣ କ୍ରିୟାକଳାପ ଅନ୍ୟ ଏକ ସାଂସ୍କୃତିକ ଗୋଷ୍ଠୀର ପିଲାଙ୍କ ପାଇଁ ଅର୍ଥପୂର୍ଣ୍ଣ ହୋଇନଥାଏ ।

**କ୍ରିୟାକଳାପ-୭**

ତୁମ ବିଦ୍ୟାଳୟର ପିଲାମାନଙ୍କ ମଧ୍ୟରେ ଥିବା ସାଂସ୍କୃତିକ ବିଭିନ୍ନତାର ଏକ ଦୃଶ୍ୟାବଳୀ ପ୍ରସ୍ତୁତ କର:-

| **ପରିସର** | **ବୈଶିଷ୍ଟ୍ୟ** |
|---|---|
| ୧-ଭାଷା | |
| ୨-ଧର୍ମ | |
| ୩-ଖାଦ୍ୟାଭ୍ୟାସ | |
| ୪-ସାମାଜିକ ବର୍ଗ | |
| ୫-ସାମାଜିକ ଭୂମିକା | |
| ୬-ଉତ୍ସବ | |

ବ୍ୟକ୍ତି ବିଷୟବସ୍ତୁରୁ ଶିକ୍ଷାଲାଭ କରେ । ଶିଶୁର ଗୋଷ୍ଠୀ ଏବଂ ଶିକ୍ଷଣ କରାଯାଉଥିବା ସ୍ଥାନୀୟ ପରିବେଶ ପ୍ରାଥମିକ ବିଷୟବସ୍ତୁ ଗଠନ କରନ୍ତି । ଶିଶୁଟି ତା' ଆଖପାଖ ଅଞ୍ଚଳରେ ଦେଖୁଥିବା ଏବଂ/କିମ୍ବା ଉପଭୋଗ କରୁଥିବା ଗଛଲତା, ପଶୁପକ୍ଷୀ, ଫଳ, ଉତ୍ସବ, ରୀତିନୀତି ଇତ୍ୟାଦି; ପୂର୍ବରୁ ଲାଭ କରିଥିବା ଜ୍ଞାନ ଏବଂ ଶ୍ରେଣୀକକ୍ଷକୁ ପ୍ରସ୍ତୁତ ହୋଇଆସିବା ସାମାଜିକ ବିଜ୍ଞାନକୁ ବୁଝିବା/ଶିକ୍ଷଣର ଆଧାର ହୋଇଥାଏ ।

ତୁମେ ଶିକ୍ଷାଦାନ ଶିକ୍ଷଣ କ୍ରିୟାକଳାପକୁ ଏକ ଯଥାର୍ଥ ବିଷୟରେ ସାମିଲ କରାଇ ଅଧିକ ଅର୍ଥପୂର୍ଣ୍ଣ କରିପାରିବ । ବାସ୍ତବ ଜୀବନରେ ବ୍ୟବହୃତ କ୍ରିୟାକଳାପ ହିଁ ବୈଧ/ଯଥାର୍ଥ ବିଷୟର ଉଦାହରଣ । ଉଦାହରଣ ସ୍ୱରୂପ- 'ଆମ ପରିବେଶ' ଅଧ୍ୟାୟ ଆରମ୍ଭ କରିବା ପୂର୍ବରୁ ତୁମେ ତୁମ ଶ୍ରେଣୀର ପିଲାମାନଙ୍କୁ ବିଦ୍ୟାଳୟ ନିକଟସ୍ଥ ଅଞ୍ଚଳକୁ ବୁଲାଇବା ପାଇଁ ନେବ ଏବଂ ଫେରିବା ପରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସେମାନେ ଅବଲୋକନ କରିଥିବା ଜୀବିତ ଓ ମୃତ ବସ୍ତୁ/ପ୍ରାଣୀର ତାଲିକା କରିବାକୁ କହିବ । ଆଉ ଏକ ଉଦାହରଣ ହେଲା, ତୁମେ ଜଣେ ସ୍ଥାନୀୟ କଳାକାର/ ଶିଳ୍ପୀଙ୍କୁ ସେମାନଙ୍କ କାର୍ଯ୍ୟକଳାପ ପ୍ରଦର୍ଶନ ପାଇଁ ଆମନ୍ତ୍ରଣ କରିବ ବା ଛାତ୍ରଛାତ୍ରୀଙ୍କୁ ସେମାନଙ୍କ କାର୍ଯ୍ୟ ଶିବିର ପରିଦର୍ଶନ ପାଇଁ ଅନୁମତି ପ୍ରଦାନ କରିବ ।

**କ୍ରିୟାକଳାପ-୮**

୧- ତୁମ ଆଖପାଖରେ ସାମାଜିକ ବିଜ୍ଞାନ ଶିକ୍ଷାଦାନର ଆଧାର ଭାବରେ ବ୍ୟବହୃତ ହୋଇପାରୁଥିବା ସମ୍ବଳ (ଉଦାହରଣ-ବସ୍ତୁ, ପ୍ରାଣୀ, ନଦୀ ଇତ୍ୟାଦି) ଗୁଡ଼ିକର ତାଲିକା ପ୍ରସ୍ତୁତ କର ।

୨- ଶିକ୍ଷଣ ସମ୍ବଳ ଭାବରେ ବ୍ୟବହୃତ ହୋଇପାରୁଥିବା ତୁମ ଅଞ୍ଚଳର ଆଖପାଖରେ ଥିବା ଦୁଇଟି ପ୍ରତିଷ୍ଠାନ(ଉଦାହରଣ-ଡାକଘର, ଡାକ୍ତରଖାନା)ର ତାଲିକା ପ୍ରସ୍ତୁତ କର ଏବଂ ସେଗୁଡ଼ିକୁ କିପରି ଶିକ୍ଷଣ ସାମଗ୍ରୀ ଭାବରେ ବ୍ୟବହାର କରାଯାଇ ପାରିବ ବର୍ଣ୍ଣନା କର ।

୩- ସାମାଜିକ ବିଜ୍ଞାନକୁ ବୁଝିବାରେ ମହତ୍ୱ ରଖୁଥିବା ସ୍ଥାନୀୟ ଉତ୍ସବଗୁଡ଼ିକର ନାମ ଲେଖ ।

୪- ସାମାଜିକ ବିଜ୍ଞାନ ଶିକ୍ଷାଦାନରେ ଉଦାହରଣ ଭାବରେ ବ୍ୟବହୃତ ହୋଇପାରୁଥିବା ତୁମ ଆଖପାଖ ଅଞ୍ଚଳର ଲୋକମାନଙ୍କ କ୍ରିୟାକଳାପ (ଉଦାହରଣ-ଜାଳେଣୀ କାଠ ସଂଗ୍ରହ, ମାଛ ଧରିବା)ର ତାଲିକା କର ।

### ୬.୩.୪ **ପ୍ରାକ୍ ଜ୍ଞାନ ସହ ନୂତନ ସୂଚନାକୁ ଯୋଡ଼ିବା**

*କ'ଣ ହୃଦୟଙ୍ଗମ ଓ ବିଶ୍ୱାସ କରାଯାଇଛି ଆଧାରରେ ନୂତନ ଜ୍ଞାନ ସୃଷ୍ଟି ହୋଇଥାଏ ।*

ସଦ୍ୟତମ ଗବେଷଣାରୁ ଜଣାଯାଇଛି ଯେ ନୂତନ ସୂଚନାକୁ ପ୍ରାକ୍ ଜ୍ଞାନ ସହ ଯୋଡ଼ିବାର କ୍ଷମତା ଶିକ୍ଷଣ ପାଇଁ ମହତ୍ୱପୂର୍ଣ୍ଣ ଅଟେ । ଶିକ୍ଷାର୍ଥୀଙ୍କ କ୍ରିୟାକଳାପ ନୂତନ ବିଚାରକୁ ପ୍ରଦତ୍ତ ସାମଗ୍ରୀ ବା କ୍ରିୟାକଳାପ ଆଧାରରେ ପୁରାତନ ବିଚାରଧାରା ସହ ଯୋଡ଼ି ସେମାନଙ୍କ ଜ୍ଞାନ ସୃଷ୍ଟି କରେ । ଦିଆଯାଇଥିବା କାର୍ଯ୍ୟକୁ ବୁଝିବା ପାଇଁ କେତେକ ପ୍ରାକ୍

ଜ୍ଞାନ ଆବଶ୍ୟକ । ଉଦାହରଣସ୍ୱରୂପ- ତୁମେ ଜାଣିଥିବା କାହାଣୀକୁ ବ୍ୟବହାର କରିପାର କିମ୍ବା ଛାତ୍ରଛାତ୍ରୀଙ୍କୁ ପଲ୍ଲୀସଭା/ଗ୍ରାମସଭା (ଗ୍ରାମ୍ୟ ବୈଠକ) ଅବଲୋକନ କରିବାକୁ ନେଇପାର, ଆଲୋଚନାରେ ଅଂଶଗ୍ରହଣ, 'ଗଣତନ୍ତ୍ର'ର ଅର୍ଥ ବୁଝିବାରେ ପିଲାମାନଙ୍କୁ ସହାୟତା କରିବା ଇତ୍ୟାଦି । ସେହିପରି 'ପରିବହନ ବ୍ୟବସ୍ଥା' ବୁଝାଇବା ପାଇଁ ତୁମେ ପରିବହନ ବ୍ୟବସ୍ଥା ସମ୍ପର୍କିତ କେତେକ ଛବି କିମ୍ବା ଦୃଶ୍ୟଶ୍ରାବ୍ୟ ଉପସ୍ଥାପନ ପିଲାମାନଙ୍କୁ ଦେଖାଇପାରିବ ।

ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରୁ କେତେକ ବିଷୟ ଏବଂ ତୁମ ଛାତ୍ରଛାତ୍ରୀଙ୍କ ତତ୍ ସମ୍ବନ୍ଧିତ ପ୍ରାକ୍ ଜ୍ଞାନ ଆଧାରରେ ଆଉ କିଛି ଅଧିକ ଉଦାହରଣ ଦିଅ ।

**କ୍ରିୟାକଳାପ-୯**

ପ୍ରାରମ୍ଭିକ ସ୍ତରର ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରୁ ତୁମର ସ୍ଥାନୀୟ ପ୍ରସଙ୍ଗରେ ଉପଯୁକ୍ତ ଭାବରେ ଶିକ୍ଷାଦାନ କରାଯାଇପାରୁଥିବା; ଗଳ୍ପ, ଘଟଣାର ବର୍ଣ୍ଣନା, ଦୃଶ୍ୟ/ଶ୍ରାବ୍ୟ ଉପସ୍ଥାପନ, ଦଳଗତ କାର୍ଯ୍ୟ, ପ୍ରଶ୍ନୋତ୍ତର ଇତ୍ୟାଦି ଆକାରରେ ପିଲାର ପ୍ରାକ୍ ଜ୍ଞାନକୁ ଦର୍ଶାଉଥିବା ବିଷୟ ଚୟନ କର । ତୁମ ପାଇଁ ଗୋଟିଏ ଉଦାହରଣ ଦିଆଗଲା ।

| **ବିଷୟର ନାମ** | **ପିଲାମାନଙ୍କ ପ୍ରାକ୍ ଜ୍ଞାନର ଉପସ୍ଥାପନ** |
|---|---|
| ୧-ଗଣତନ୍ତ୍ର | (i) ପଲ୍ଲୀସଭା/ଗ୍ରାମ ସଭା ଦେଖିବାକୁ ପିଲାମାନଙ୍କୁ ଅନୁମତି ଦିଅ କିମ୍ବା ପଲ୍ଲୀସଭା /ଗ୍ରାମସଭାର ଦୃଶ୍ୟଶ୍ରାବ୍ୟ (ଭିଡିଓ) ଉପସ୍ଥାପନ କର । |
| | (i) ଗାଣତନ୍ତ୍ରିକ ସିଦ୍ଧାନ୍ତକୁ ଦର୍ଶାଉଥିବା କାହାଣୀ ବର୍ଣ୍ଣନା କର ଏବଂ ତତ୍ପରେ ସେସଂକ୍ରାନ୍ତରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କର । |
| ୨- | |
| ୩- | |

ଛାତ୍ରଛାତ୍ରୀଙ୍କୁ ସେମାନଙ୍କୁ ପ୍ରଦତ୍ତ କାର୍ଯ୍ୟ ସହ ସେମାନଙ୍କ ପ୍ରାକ୍ ଜ୍ଞାନକୁ ଯୋଡ଼ିବାରେ ସହାୟତା କରିବା ନିମନ୍ତେ ତୁମ ପାଇଁ କେତେକ ପ୍ରସ୍ତାବ/ପରାମର୍ଶ ନିମ୍ନରେ ଦିଆଗଲା:-

-କୌଣସି ବିଷୟ ଆରମ୍ଭ କରିବା ପୂର୍ବରୁ ଆଲୋଚନା କର; ଯାହା ଫଳରେ ପିଲାମାନଙ୍କ ପ୍ରାକ୍ ଧାରଣା ବିଷୟ ନିଶ୍ଚିତ ହୋଇପାରିବ ।

-ଅଧିକାଂଶ ସମୟରେ ପିଲାମାନଙ୍କ ପ୍ରାକ୍ ଜ୍ଞାନ ଅସମ୍ପୂର୍ଣ୍ଣ, ଅବିଶ୍ୱାସ ଓ ଭୁଲ୍ ଧାରଣା ହୋଇଥାଏ । ତେଣୁ, ପିଲାମାନଙ୍କ ପ୍ରାକ୍ ଜ୍ଞାନକୁ ଖୋଜି ବାହାର କର; ଯାହା ଫଳରେ ସେମାନଙ୍କ ମଧ୍ୟରେ ଥିବା ଭୁଲ୍ ଧାରଣା ଓ ଅବିଶ୍ୱାସ ଚିହ୍ନଟ ହୋଇପାରିବ ।

-ନିଜସ୍ୱ ବୁଦ୍ଧିରେ କିଛି ପ୍ରସ୍ତୁତି କାର୍ଯ୍ୟ କରିବାକୁ ପିଲାମାନଙ୍କୁ କୁହ ।

-ପଢ଼ାଯିବାକୁ ଥିବା ବିଷୟ ଓ ସେମାନେ ଜାଣିଥିବା ଜ୍ଞାନକୁ ସଂଯୋଜିତ କରିବାରେ ପିଲାମାନଙ୍କୁ ସାହାଯ୍ୟ କରୁଥିବା ପ୍ରଶ୍ନମାନ ପଚାର ।

-ଜ୍ଞାନର ପାରସ୍ପରିକ ସମ୍ବନ୍ଧକୁ ପୂରା ପାଠ୍ୟକ୍ରମରେ ବାହାର କର ।

-ସାମାଜିକ ପ୍ରସଙ୍ଗରେ ସଂଳାପ, ତର୍କ, ଯୁକ୍ତି ଏବଂ ପ୍ରଶ୍ନକୁ ପ୍ରୋତ୍ସାହିତ କର ।

## ୬.୪. ବୋଧଶକ୍ତିର ବିକାଶ ଓ ଧାରଣା ସୃଷ୍ଟି

ଇତିହାସ, ଭୁଗୋଳ, ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତିରୁ ଅଣାଯାଇଥିବା ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ବିଷୟବସ୍ତୁ ସେହିସବୁ ବିଷୟକୁ ଗୁରୁତ୍ୱ ଦେଇଥାଏ- ଯେମିତି ଗୋଷ୍ଠୀ, ଭୂମିରୂପ, ସଂସ୍କୃତି, ବିକାଶ, ପରିବେଶ ଓ ବିନିଯୋଗ

ଟିପ୍ପଣୀ

ଇତ୍ୟାଦି । ବିଭିନ୍ନ କ୍ରିୟାକଳାପ, ଅଭିଜ୍ଞତା ଓ ଉଦାହରଣ ସହ ପିଲାର ନିୟୋଜନ ଜରିଆରେ ଏହି ସବୁ ବିଷୟବସ୍ତୁ ଗଠିତ । ଏହିସବୁ ନିୟୋଜନ ଆଧାରିତ ସାମାଜିକ ବିଜ୍ଞାନ ଶିକ୍ଷଣ; ଦାରିଦ୍ର୍ୟ, ନିରକ୍ଷରତା, ଜନସଂଖ୍ୟା ବୃଦ୍ଧି, ସାମ୍ପ୍ରଦାୟିକତା ଆଦି ସାମାଜିକ ସମସ୍ୟାକୁ ବୁଝିବାରେ ଶିକ୍ଷାର୍ଥୀଙ୍କ ବୋଧଶକ୍ତିର ବିକାଶ କରିବାର କ୍ଷମତା ଯଥା- ଅବଲୋକନ, ଚିହ୍ନଟକରଣ ଓ ବର୍ଗୀକରଣର ମୌଳିକ ଉପାଦାନ ହୋଇଥାଏ । ବୋଧଶକ୍ତି କ୍ଷମତାର ବିକାଶ କେତେକ ନିର୍ଦ୍ଦିଷ୍ଟ ସୋପାନ ଅନୁସରଣ କରିଥାଏ । ତେଣୁ ଶିକ୍ଷାର ବିଭିନ୍ନ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଆୟୋଜନ ଓ ଶିକ୍ଷାଦାନ ପଦ୍ଧତି ବୋଧଶକ୍ତି ବିକାଶ ସ୍ତର ସହିତ ହେବା ଉଚିତ ।

ବିଭିନ୍ନ ବୟସ/ଗ୍ରେଡ୍ ସ୍ତରରେ ବୋଧଶକ୍ତିର ବିକାଶ କିପରି ଭିନ୍ନ ଭିନ୍ନ ହୋଇଥାଏ ଜଣେ ସାମାଜିକ ବିଜ୍ଞାନ ଶିକ୍ଷକ ଭାବରେ ତୁମେ ବୁଝିବା ଆବଶ୍ୟକ । ବିକାଶର ବିଭିନ୍ନ ସ୍ତର/ଅବଧି ରହିଛି; ମାତ୍ର ପ୍ରତ୍ୟେକ ପିଲାର ଚିନ୍ତନ ଓ ଶିକ୍ଷଣ ପ୍ରକାର ସଂକ୍ରାନ୍ତରେ ଭିନ୍ନଭିନ୍ନ ପଦ୍ଧତିକୁ ଗୁରୁତ୍ୱ ପ୍ରଦାନ କରିଥାନ୍ତି ବୋଲି ବୋଧଶକ୍ତି ବିକାଶର ପ୍ରମୁଖ ବିଶେଷଜ୍ଞ ପିଆଜେ, ଗେସେଲ୍, ଏରିକ୍ସନ୍ ଏବଂ ସ୍କୋକ୍ ବିଶ୍ୱାସ କରନ୍ତି । ପିଲାର ବୋଧଶକ୍ତିର ବିକାଶ ସଂକ୍ରାନ୍ତ ସବୁଠାରୁ ଅଧିକ ଦର୍ଶାଯାଉଥିବା ତତ୍ତ୍ୱ ହେଲା ଜିନ୍ ପିଆଜେଙ୍କ (୧୮୯୬-୧୯୮୦) ତତ୍ତ୍ୱ । ପ୍ରାରମ୍ଭିକ ସ୍ତରରେ ପାଠ୍ୟକ୍ରମ ଯୋଜନା ଓ ଶିକ୍ଷଣ ଶାସ୍ତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରଖୁଥିବା ପିଆଜେଙ୍କ ତତ୍ତ୍ୱ ବିଷୟରେ ଏଠାରେ ଆମେ ଆଲୋଚନା କରିବା ।

ଜୀବନର ବିଭିନ୍ନ ସମୟରେ ପିଲାର ବୋଧଶକ୍ତି କ୍ଷମତାର ବିକାଶ ବିଷୟରେ ଶିକ୍ଷାଗ୍ରହଣ କରିବା ପୂର୍ବରୁ ପିଲାର ଆଚରଣ ଅବଲୋକନ ଆଧାରରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ:-

**କ୍ରିୟାକଳାପ-୧୦**

୧- ବର୍ଷକର ଜଣେ ଶିଶୁକୁ ଖେଳଣା, କଲମ, ପେନ୍‌ସିଲ୍ ବା ବହି ପ୍ରଦାନ କରାଗଲେ ସେ (ପୁଅ/ଝିଅ) କ'ଣ କରିବ ?

୨- ଜଣେ ଦୁଇ ବର୍ଷର ଶିଶୁ ତା' ଚତୁର୍ପାର୍ଶ୍ୱର ଲୋକମାନଙ୍କ ସହ କିପରି ଭାବ ବିନିମୟ କରେ ?

୩- ବିଭିନ୍ନ ପ୍ରକାର କୁକୁର ଏବଂ ଏକ ଗଧ ଓ ଏକ ଘୋଡ଼ା ମଧ୍ୟରେ ପ୍ରଭେଦ ଦର୍ଶାଇବାରେ ଜଣେ ୫ ବର୍ଷର ଶିଶୁ ଓ ଜଣେ ଦଶ ବର୍ଷର ପିଲାର ଦକ୍ଷତାରେ ରହିଥିବା ପାର୍ଥକ୍ୟକୁ ପର୍ଯ୍ୟବେକ୍ଷଣ କରି ଲିପିବଦ୍ଧ କର ।

ଏହିସବୁ ପ୍ରଶ୍ନର ଉତ୍ତର ଦେବା ବେଳେ ତୁମେ ତୁମ ପିଲାମାନଙ୍କର ବା ତୁମ ଆଖପାଖର ପିଲାମାନଙ୍କର କ୍ରିୟାକଳାପକୁ ସ୍ମରଣ କରିବା ଉଚିତ । ସ୍ୱିସ୍ ମନୋବିଜ୍ଞାନୀ ଜିନ୍ ପିଆଜେ ଦୀର୍ଘ ୧୬ ବର୍ଷ ଧରି ପିଲାମାନଙ୍କର କ୍ରିୟାକଳାପକୁ ଅବଲୋକନ (ଅନୁଧ୍ୟାନ) କରିବା ଆଧାରରେ ବୋଧଶକ୍ତି ବିକାଶ ତତ୍ତ୍ୱ ବିକାଶ କରିଥିଲେ ।

### ୬.୪.୧ ପିଆଜେଙ୍କ ବୋଧଶକ୍ତି/ଜ୍ଞାନାତ୍ମକ ବିକାଶ ତତ୍ତ୍ୱ

ପିଆଜେ ଶିଶୁ ବିକାଶର ଚାରିଟି ସ୍ତର/ପର୍ଯ୍ୟାୟ ଯଥା- ସେନ୍‌ସରୀ ମୋଟର(ସମ୍ବେଦୀକାରକ), ପ୍ରିଅପରେସନାଲ(ପ୍ରାକ୍ ସଂକାର୍ଯ୍ୟଧର୍ମୀ), କଙ୍କ୍ରିଟ୍ ଅପରେସନାଲ(ସ୍ଥୁଳ ସଂକାର୍ଯ୍ୟ ଧର୍ମୀ) ଏବଂ ଫର୍ମାଲ୍ ଅପରେସନାଲ(ଯଥାବିଧି ସଂକାର୍ଯ୍ୟ) ଭାବରେ ବର୍ଣ୍ଣନା କରିଛନ୍ତି । ଏହି ଚାରିଟି ସ୍ତର ପରସ୍ପରଠାରୁ ଭିନ୍ନ । ଜଣେ ବ୍ୟକ୍ତି ତାହାର ପରିବେଶ ପ୍ରତି କିପରି ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି ପ୍ରତ୍ୟେକ ଭିନ୍ନ ଭିନ୍ନ ପରିପ୍ରକାଶ କରନ୍ତି । ସେହିସବୁ ସ୍ତର ବିଷୟରେ ଆଲୋଚନା କରିବା ଚାଲ:-

**ସମ୍ବେଦୀ କାରକ / ସେନ୍‌ସରୀ ମୋଟର**

ଏହି ସ୍ତର ଜନ୍ମରୁ ଦୁଇ ବର୍ଷ ପର୍ଯ୍ୟନ୍ତ ବ୍ୟାପ୍ତ ଅର୍ଥାତ୍ ଭାଷା ଅଧିଗ୍ରହଣ ପର୍ଯ୍ୟନ୍ତ । ଏହି ସ୍ତରରେ ଶିଶୁ ତା'ର ସ୍ନାୟବିକ ଓ ଶାରୀରିକ କ୍ରିୟା ଯଥା-ଦେଖିବା ଓ ଶୁଣିବା ଦ୍ୱାରା ପୃଥିବୀ ବିଷୟରେ ଏକ ଧାରଣା ତିଆରି କରେ । ପୃଥିବୀ ପୃଷ୍ଠରେ ଶିଶୁଟିଏ ପ୍ରଦର୍ଶନ କରୁଥିବା ଶାରୀରିକ କ୍ରିୟାକଳାପରୁ ଜ୍ଞାନଲାଭ କରିଥାଏ । ଜନ୍ମ ସମୟର ପ୍ରତିଫଳିତ ଓ କାର୍ଯ୍ୟବାହୀ କ୍ରିୟାରୁ ଏହି ସ୍ତରର ଶେଷ ଭାଗ ପର୍ଯ୍ୟନ୍ତ ଏକ ଶିଶୁ ପ୍ରଗତି କରିଥାଏ । ଏହାର ଅର୍ଥହେଲା, କ୍ରମଶଃ

ଟିପ୍ପଣୀ

ଶିଶୁଟି ଅଧିକରୁ ଅଧିକ ସଂଗଠିତ ହୁଏ ଏବଂ ତାହାର କ୍ରିୟାକଳାପ କମ୍ ବେଫିକରିଆ ହୋଇଥାଏ । ପରିବେଶ ସଂସ୍ପର୍ଶରେ ଆସିବା ପରେ ପ୍ରବୃଦ୍ଧ ସ୍ତରରୁ ସେ ପ୍ରଚେଷ୍ଟା ସ୍ତର ଓ ପରେ ସରଳ ସମସ୍ୟାର ସମାଧାନ ସ୍ତରକୁ ପ୍ରଗତି କରେ ।

### ପ୍ରାକ୍ ସଂକାର୍ଯ୍ୟଧର୍ମୀ / ପ୍ରିଅପରେସନାଲ୍

ଦୁଇରୁ ସାତ ବର୍ଷକୁ ଏହି ସ୍ତର କୁହାଯାଏ । ଏହି ପ୍ରାକ୍ ସଂକାର୍ଯ୍ୟଧର୍ମୀ ସ୍ତରର ଚିହ୍ନ ଅଯୌକ୍ତିକର ମାନସିକ ଚଳନ ଅଟେ; ଯାହା ପୂର୍ଣ୍ଣଭାବେ ଆତ୍ମକୈନ୍ଦ୍ରିକ । ଏହି ସ୍ତରରେ ସେ (ପୁଅ/ଝିଅ) ଛବି,ଶବ୍ଦ ଏବଂ ବସ୍ତୁ ଚିହ୍ନଟ ପାଇଁ ଚିତ୍ରାଙ୍କନ, ସ୍ଥାନ ଓ ଲୋକ ପରି ସଙ୍କେତ ବ୍ୟବହାର କରିଥାଏ । ଶିଶୁଟି ସ୍ଥିର ଧାରଣା ଓ ମାନସିକ ବିଚାର କରିବାକୁ ସକ୍ଷମ ହୋଇଥାଏ । ମାତ୍ର ସେ ଶାରୀରିକ ଭାବରେ କାର୍ଯ୍ୟ ସମ୍ପାଦନ କରିବାକୁ ସକ୍ଷମ ହୋଇନଥାଏ । ଚିନ୍ତନ ତଥାପି ଆତ୍ମକୈନ୍ଦ୍ରିକ ଥାଏ । ଶିଶୁଟି ଅନ୍ୟର ମତାମତ ଗ୍ରହଣ କରିବାରେ କଷ୍ଟ ଅନୁଭବ କରେ ।

### ସ୍ଥୂଳ ସଂକାର୍ଯ୍ୟ/କଙ୍କ୍ରିଟ୍ ଅପରେସନାଲ୍

ଏହି ସ୍ତର ସାତ ବର୍ଷରୁ ୧୧ ବର୍ଷ ମଧ୍ୟରେ ଆସିଥାଏ ଏବଂ ଯୁକ୍ତିସଂଗତ ଚିନ୍ତନ ଏହି ସ୍ତରର ବିଶେଷତ୍ୱ । ଧାରଣା ବୁଝିବା ପାଇଁ ଶିଶୁଟି ତା' ଆଖପାଖର ପରିବେଶକୁ ବ୍ୟବହାର କରେ । ଏହି ସ୍ତରର ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାଗୁଡ଼ିକ ହେଲା:-

-ସିରିଏସନ୍/କ୍ରମବଦ୍ଧତା: ବସ୍ତୁଗୁଡ଼ିକୁ ଆକାର, ରୂପ ବା ଅନ୍ୟ ଯେକୌଣସି ବିଶେଷତ୍ୱ ଆଧାରରେ ସଜେଇବା କ୍ଷମତା

-ଟ୍ରାଞ୍ଜିଟିଭିଟ୍/ସଂକ୍ରମତା: ଉପାଦାନ ଗୁଡ଼ିକ ମଧ୍ୟରେ ଥିବା ଯୁକ୍ତିଯୁକ୍ତ ସମ୍ପର୍କକୁ କ୍ରମାନ୍ୱୟରେ ଚିହ୍ନଟ କରିପାରିବାର କ୍ଷମତା । ଉଦାହରଣ ସ୍ୱରୂପ- ଯଦି 'କ' 'ଖ'ଠାରୁ ଡେଙ୍ଗା ଏବଂ 'ଖ' 'ଗ'ଠାରୁ ଡେଙ୍ଗା ତେବେ 'କ' ନିଶ୍ଚିତ ଭାବରେ 'ଗ'ଠାରୁ ଡେଙ୍ଗା ।

-ବର୍ଗୀକରଣ: ଦୃଶ୍ୟମାନ, ଆକାର ବା ଅନ୍ୟାନ୍ୟ ବିଶେଷତ୍ୱ ଆଧାରରେ କିଛି ବସ୍ତୁର ନାମକରଣ ଓ ବର୍ଗୀକରଣ କରିବାର କ୍ଷମତା ।

-କଞ୍ଜରଭେସନ୍ : ଉପାଦାନ ବା ବସ୍ତୁର ଆକାର, ବ୍ୟବସ୍ଥାକୁ ନଦେଖି ତାହାର ପରିମାଣ, ଦୈର୍ଘ୍ୟ ବା ଉପାଦାନ ସଂଖ୍ୟାକୁ ବୁଝିବାର ଦକ୍ଷତା ।

-ଅହଙ୍କାର କୈନ୍ଦ୍ରିକତାର ଦୂରୀକରଣ: କୌଣସି ବସ୍ତୁ ବା ପଦାର୍ଥକୁ ଭିନ୍ନ ଅର୍ଥରେ ଦେଖିବାର କ୍ଷମତା ।

ଏହି ସ୍ତରର ପିଲାମାନେ ବାସ୍ତବ ବସ୍ତୁ ବା ଘଟଣା ପାଇଁ ପ୍ରଯୁଜ୍ୟ ସମସ୍ୟାର ସମାଧାନ କରିଥାନ୍ତି ମାତ୍ର କାଳ୍ପନିକ ବା ଗୁଣାତ୍ମକ ଧାରଣାର ସମାଧାନ କରିପାରିନଥାନ୍ତି ।

### ଯଥାବିଧି ସଂକାର୍ଯ୍ୟ / ଫର୍ମାଲ୍ ଅପରେସନାଲ୍:

ଏହି ସ୍ତର ୧୧ ବର୍ଷରୁ (କିଶୋରାବସ୍ଥା) ଆରମ୍ଭ ହୋଇ ବୟଃପ୍ରାପ୍ତି ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହି ସ୍ତରରେ ବ୍ୟକ୍ତି ପୂର୍ଣ୍ଣ ଅଭିଜ୍ଞତା ସ୍ତରକୁ ଅତିକ୍ରମ କରେ ଏବଂ ଗୁଣାତ୍ମକ ଚିନ୍ତନ ସହ ପୂର୍ତ୍ତ ରୂପରେ ଚିନ୍ତନ ଆରମ୍ଭ କରେ, ଯୁକ୍ତିସଂଗତ ଭାବରେ ବିଚାର କରେ ଏବଂ ଉପଲବ୍ଧ ସୂଚନାରୁ ଉପସଂହାର ବାହାର କରେ । କିଶୋରାବସ୍ଥାରେ ଜଣେ ବୈଜ୍ଞାନିକଙ୍କଠାରୁ ଅଧିକ ଚିନ୍ତା କରିବା ଆରମ୍ଭ କରେ, ସମସ୍ୟା ସମାଧାନ ପାଇଁ ଯୋଜନା ପ୍ରସ୍ତୁତ କରେ ଏବଂ ବ୍ୟବସ୍ଥିତ ଭାବରେ ସମାଧାନକୁ ପରୀକ୍ଷା କରେ । ସେମାନେ କଳ୍ପନା ଓ ଅନୁମାନ ବିକାଶ କରିଥାନ୍ତି ଏବଂ କେଉଁଟା ଶ୍ରେଷ୍ଠ ପଥ ବ୍ୟବସ୍ଥିତ ଢଙ୍ଗରେ ଶେଷ କରନ୍ତି ।

ବିଭିନ୍ନ ସ୍ତରରେ ଶିଶୁର ବୋଧଶକ୍ତି ବିକାଶର ବିଶେଷତ୍ୱ ଜାଣିବା ପରେ  ସେହିସବୁ ବିଶେଷତ୍ୱ ପିଲାମାନଙ୍କୁ ସାମାଜିକ ବିଜ୍ଞାନ ଶିକ୍ଷା କରିବାରେ କିପରି ସାହାଯ୍ୟ କରେ ଚାଲ ଦେଖିବା:-

**କ୍ରିୟାକଳାପ-୧୧**

୧- ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ "କାରିଗରି ଓ କାରଖାନା" ବିଷୟରେ ଶିକ୍ଷାଦାନ ପାଇଁ କ୍ରିୟାକଳାପ/ଶିକ୍ଷଣ ସ୍ଥିତିର ପ୍ରସ୍ତାବ ଦିଅ । ପିଆଜେଙ୍କ ବୋଧଶକ୍ତିର ବିକାଶ ତତ୍ତ୍ୱ ଅନୁସାରେ ତୁମ ପ୍ରସ୍ତାବର ଯଥାର୍ଥତା ପ୍ରତିପାଦନ କର ।

୨-ପିଆଜେଙ୍କ ବୋଧଶକ୍ତିର ବିକାଶ ତତ୍ତ୍ୱ ଅନୁସାରେ ପରିବେଶ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ଶିକ୍ଷାଦାନ ପାଇଁ ଶିକ୍ଷଣ କ୍ରିୟାକଳାପରେ ରହିଥିବା ବ୍ୟାପକ ପାର୍ଥକ୍ୟକୁ ଉଦାହରଣ ସହ ବ୍ୟାଖ୍ୟା କର ।

### ୬.୪.୨ ଶିକ୍ଷାର୍ଥୀଙ୍କ ମଧ୍ୟରେ ଧାରଣା ସୃଷ୍ଟି କରିବା

କେତେକ ବସ୍ତୁ ବା ଘଟଣା ଏକା ପ୍ରକାରର ହୋଇଥିଲାବେଳେ ଆଉ କେତେକ ଏକା ହୋଇନଥାନ୍ତି । ଚିହ୍ନଟ କରିବାର ପ୍ରକ୍ରିୟା ହେଲା ଧାରଣା ସୃଷ୍ଟି ବା ସର୍ଜନ । କେଉଁ ଆଧାରରେ ସେମାନେ ଏହି ବର୍ଗ ଗଠନ କରୁଛନ୍ତି ପିଲାମାନେ ନିଷ୍ପତ୍ତି କରିବା ଆବଶ୍ୟକ । ଅନ୍ୟ ପକ୍ଷରେ, ଧାରଣା ପ୍ରାପ୍ତି ଅନ୍ୟ ଜଣେ ବ୍ୟକ୍ତିର ମନରେ ସୃଷ୍ଟି ହୋଇଥିବା ବର୍ଗର ବିଶେଷ ଗୁଣକୁ ଶିଶୁଟି ବାହାର କରିବା ଆବଶ୍ୟକ କରିଥାଏ । ଏହାର ତୁଳନା ଓ ବିଶେଷତ୍ୱ ବହନ କରୁଥିବା ଦିଗଗୁଡ଼ିକ ଉଦାହରଣ ଜରିଆରେ କରାଯାଇଥାଏ । ଏଠାରେ ଆମର ଉଦ୍ଦେଶ୍ୟ ହେଲା ପିଲାର ଧାରଣା ସୃଷ୍ଟି କିପରି ହୋଇଥାଏ ଏବଂ ସେହି ପ୍ରକ୍ରିୟାକୁ ଆମେ କିପରି ସୁଗମ କରିପାରିବା ବୁଝିବା ।

ନିମ୍ନଲିଖିତ କ୍ରିୟାକଳାପ ତୁମକୁ ଧାରଣା ସୃଷ୍ଟି ଓ ଏହାକୁ ସୁଗମ କରିବା ପ୍ରକ୍ରିୟାକୁ ବୁଝିବାରେ ସାହାଯ୍ୟ କରିବ-

**କ୍ରିୟାକଳାପ-୧୨**

୧-ଖେଳୁଥିବା ଶିଶୁଙ୍କୁ ଅବଲୋକନ ଆଧାରରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ:-

(i) ପିଲାମାନେ ପରସ୍ପରକୁ ଶିକ୍ଷାଦାନ କରୁଥିବାର ଦୁଇଟି ସ୍ଥିତି ଉଲ୍ଲେଖ କର-

(କ)-

(ଖ)-

(ii) ଖେଳୁଥିବା ସମୟରେ ପିଲାମାନେ କିପରି ଭାବରେ ପରସ୍ପର ଠାରୁ ଶିକ୍ଷାଲାଭ କରିଥାନ୍ତି ଦୁଇଟି ଉଦାହରଣ ଦିଅ ।

(କ)-

(ଖ)-

୨- ଶ୍ରେଣୀକକ୍ଷରେ ଏବଂ/କିମ୍ବା ଗୃହରେ ପିଲାମାନଙ୍କ ଆଚରଣକୁ ପର୍ଯ୍ୟବେକ୍ଷଣ ଆଧାରରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ-

(i) ପିଲାମାନେ ଅନ୍ୟମାନଙ୍କୁ ଦେଖିଶୁଣି କ'ଣ ଶିକ୍ଷାଲାଭ କରନ୍ତି ଦୁଇଟି ଉଦାହରଣ ଦିଅ ।

(କ)

(ଖ)

(ii) ଶିକ୍ଷାଲାଭ କରିବାରେ ପରିବେଶ କିପରି ଭାବରେ ପିଲାମାନଙ୍କୁ ସାହାଯ୍ୟ କରିଥାଏ ?

ଉପରଲିଖିତ ଉପାଦାନର ଜବାବ ଦେବାବେଳେ ଶିଶୁର ଆଖପାଖର ପରିବେଶ ଧାରଣା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ବୋଲି ତୁମେ ଅନୁଭବ କରିଥିବ । ଧାରଣା ସୃଷ୍ଟି ଶିଶୁମାନଙ୍କୁ ସୂଚନା ପ୍ରସ୍ତୁତି ଜରିଆରେ ବିଭିନ୍ନ ବିଚାରଧାରା ସୃଜନ କରିବାରେ ସୁଯୋଗ ପ୍ରଦାନ କରିଥାଏ । ତୁମେ ତୁମ ପିଲାମାନଙ୍କୁ ଧାରଣା ସୃଷ୍ଟି କରିବାରେ ସହାୟତା କରିପାରିବ ।





ତୁମ ପାଇଁ କେତେକ ପରାମର୍ଶ ନିମ୍ନରେ ପ୍ରଦାନ କରାଗଲା:-

-ପିଲାମାନଙ୍କୁ ଏକାଧିକ ଲିଖିତ /ଚିନ୍ତନ  ସାମଗ୍ରୀ (ଉଦାହରଣ ସ୍ୱରୂପ ବିଭିନ୍ନ ପ୍ରାଣୀଙ୍କ ବିଷୟରେ ଚିନ୍ତା କରିବାକୁ କୁହ)  କିମ୍ବା ବାସ୍ତବ ଜିନିଷ (ଯଥା- ମଞ୍ଜି, ପତ୍ର) ପ୍ରଦାନ କର । ବାସ୍ତବ ସାମଗ୍ରୀ/ଜିନିଷ ସହ କାର୍ଯ୍ୟ କରିବା ଅଧିକ ଗ୍ରହଣୀୟ ।

-ପିଲାମାନଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କର ଏବଂ ପାଇଥିବା ସାମଗ୍ରୀ/ଜିନିଷର ବର୍ଗୀକରଣ ବା ସମୂହରେ ବିଭକ୍ତ କରିବାକୁ କୁହ ।

-ସେମାନେ ଗଠନ କରିଥିବା ଦଳ ବିଷୟରେ ବର୍ଣ୍ଣନା କରିବାକୁ କୁହ ।

-କ'ଣ ପାଇଁ ସେମାନେ ସେହିସବୁ ସାମଗ୍ରୀକୁ  ଗୋଟିଏ ଗ୍ରୁପ୍‌ରେ ରଖିଛନ୍ତି ସପ୍ରମାଣ/ଉଦାହରଣ ସହ ବ୍ୟାଖ୍ୟା କରିବାକୁ କୁହ ।

**ଧାରଣା ସୃଷ୍ଟି ଶିକ୍ଷାଦାନ କୌଶଳ**

ପ୍ରତ୍ୟେକ ଛାତ୍ରଛାତ୍ରୀ ବା ଛାତ୍ରଛାତ୍ରୀଙ୍କ ସମୂହକୁ ଛୋଟ ବର୍ଗାକାରରେ କଟାଯାଇଥିବା ଛବି ଥିବା ଗୋଟିଏ ଗୋଟିଏ ଖୋଳ ଦିଅ । ସେମାନଙ୍କ ପସନ୍ଦ ଅନୁସାରେ ସେଗୁଡ଼ିକୁ ଭିନ୍ନଭିନ୍ନ ବର୍ଗରେ ସଜାଇ ରଖିବାକୁ କୁହ । ସେମାନଙ୍କୁ ସେହି ବର୍ଗର ନାମକରଣ କରିବାକୁ ଓ ନାମକରଣର ଯଥାର୍ଥତା ପ୍ରତିପାଦନ କରିବାକୁ ପଡ଼ିବ । ସମାନ ବର୍ଗର ଉପାଦାନକୁ ଏକ କାଗଜ ଫର୍ଦ୍ଦରେ ଅଠା ଜରିଆରେ ଲଗାଇବାକୁ ଶିକ୍ଷକ କହିପାରିବେ । ତତ୍ପରେ ସେମାନେ ନିର୍ଦ୍ଦିଷ୍ଟ ବର୍ଗରେ ପ୍ରତ୍ୟେକ ଉପାଦାନ/ସାମଗ୍ରୀକୁ ରଖିବେ ଏବଂ ସମଗ୍ର ଶ୍ରେଣୀ ତାହାକୁ ଅବଲୋକନ କରିବ ।

## ୬.୫. ଶୈକ୍ଷିକ/ଶିକ୍ଷା ବିଜ୍ଞାନ ପଦ୍ଧତି

ସାମାଜିକ ବିଜ୍ଞାନ ଶିକ୍ଷାଦାନ  ଶିଶୁର ବିକାଶ ସ୍ତର  ସହିତ ପରିବେଶକୁ ବିଚାରକୁ ନେଇଥାଏ । ଏହି ଆଧାରିତ ଶିକ୍ଷାଦାନ ଶିଶୁ ମଧ୍ୟରେ ଜ୍ଞାନାତ୍ମକ କ୍ଷମତା ସୃଷ୍ଟି କରେ ; ଯାହା ସମାଜର ସାମାଜିକ-ଅର୍ଥନୈତିକ ସମସ୍ୟାକୁ ବୁଝିବାରେ ଶିଶୁକୁ ସାହାଯ୍ୟ କରିଥାଏ । ଆମ ଦେଶର ପିଲାମାନେ ମୁଖ୍ୟତଃ ତିନିଟି ପ୍ରମୁଖ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି ଯଥା-ସହରାଞ୍ଚଳ, ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥାନ୍ତି ଯେଉଁମାନେ ବିଭିନ୍ନ ସାମାଜିକ ସମସ୍ୟା ଓ ଧାରଣା ସଂସ୍ପର୍ଶରେ ଆସିଥାନ୍ତି ଏବଂ ସେମାନଙ୍କର ଧାରଣା ସୃଷ୍ଟିର ସ୍ୱତନ୍ତ୍ର ଉପାୟ ଥାଏ । ଶିକ୍ଷାବିଜ୍ଞାନ ଓ ସାଧନ ସମେତ ଶିକ୍ଷାଦାନର ପଦ୍ଧତି ସେହି କାରଣରୁ ଭିନ୍ନ ଭିନ୍ନ ହୋଇଥାଏ ।

ସାମାଜିକ ବିଜ୍ଞାନ ଶିକ୍ଷାଦାନର ଶିକ୍ଷା ବିଜ୍ଞାନ ପଦ୍ଧତି ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ତୁମ ଅବଲୋକନ/ ଅଭିଜ୍ଞତା ଆଧାରରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ଏବଂ ସେଗୁଡ଼ିକର ଉପଯୋଗିତା ବିଷୟରେ ଚିନ୍ତା କର ।

**କ୍ରିୟାକଳାପ-୧୩**

୧-ସହରାଞ୍ଚଳର ଜଣେ ଶିଶୁ ଅଧିକାଂଶ ସମୟରେ ଦେଖୁଥିବା ସ୍ଥିତି/ଧାରଣାର ତାଲିକା ପ୍ରସ୍ତୁତ କର ।
(ଉଦାହରଣ ସ୍ୱରୂପ- ହୋଟେଲ, ସିନେମା, ସଡ଼କ ଦୁର୍ଘଟଣା ଇତ୍ୟାଦି)

୨-ଗ୍ରାମା*ଳର ଜଣେ ଶିଶୁ ଅଧିକାଂଶ ସମୟରେ ଦେଖୁଥିବା ସ୍ଥିତି/ଧାରଣାର ତାଲିକା ପ୍ରସ୍ତୁତ କର । (ଉଦାହରଣ ସ୍ୱରୂପ-ଗାଈ,ଶଗଡ଼ଗାଡ଼ି ଇତ୍ୟାଦି)

୩-ଆଦିବାସୀ ଅଞ୍ଚଳର ଜଣେ ଶିଶୁ ଅଧିକାଂଶ ସମୟରେ ଦେଖୁଥିବା ସ୍ଥିତି/ଧାରଣାର ତାଲିକା ପ୍ରସ୍ତୁତ କର ।
(ଉଦାହରଣ ସ୍ୱରୂପ- ହୋଟେଲ, ବନ୍ୟପ୍ରାଣୀ, ଜଙ୍ଗଲ, ଆଦିବାସୀ ଉତ୍ସବ ଇତ୍ୟାଦି)

### ୬.୫.୧ ନିର୍ଦ୍ଦେଶନ ନକ୍ସାଙ୍କନ(ପ୍ରସ୍ତୁତି): ସମାଲୋଚନାତ୍ମକ ଶିକ୍ଷାଶାସ୍ତ୍ର ବିଜ୍ଞାନ

ପିଲାମାନେ ସେମାନଙ୍କ ନିଜସ୍ୱ ସ୍ଥିତି, ଆବଶ୍ୟକତା ଓ ସମସ୍ୟାର ଉତ୍କୃଷ୍ଟ ଅବଲୋକନକାରୀ । ତୁମେ ସେମାନଙ୍କୁ ସମାଧାନ ପନ୍ଥା କହିବା ଅନୁଚିତ । ବରଂ ତୁମେ ସେମାନଙ୍କୁ ସେମାନଙ୍କ ଦକ୍ଷତା ବିଷୟରେ ସଜାଗ କରାଇବ ଏବଂ ସ୍ୱାଧୀନ ଭାବରେ ଚିନ୍ତା କରିବାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ସେମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ

ମତାମତ ପ୍ରଦାନ କରିବା ପାଇଁ ଅନୁମତି ଦେବା ଆବଶ୍ୟକ । ତତ୍ ସହିତ ତୁମେ ମଧ୍ୟ ଖୋଲା ମନରେ ସେମାନଙ୍କ କଥା ଶୁଣିବା ଏବଂ ତୁମକୁ କିଛି ମତାମତ ଅଗ୍ରହଣୀୟ ଲାଗୁଥିଲେ ହେଁ ସେମାନଙ୍କ ମତମତକୁ ତୁମେ ସମ୍ମାନ ଦେବା ଆବଶ୍ୟକ । ଏହାର ପ୍ରଚଣ୍ଡ ଶୈକ୍ଷିକ ମୂଲ୍ୟ ରହିଛି । ଏହାର ବ୍ୟବସ୍ଥିତ ଭାବରେ ବ୍ୟବହାରକୁ ସମାଲୋଚନାତ୍ମକ ଶିକ୍ଷାଶାସ୍ତ୍ର ବିଜ୍ଞାନ କୁହାଯାଏ ।

## କ୍ରିଟିକାଲ୍ ପେଡ଼ାଗୋଜୀ

ସମାଲୋଚନାତ୍ମକ ଶୈକ୍ଷିକତା ଏକ ସମସ୍ୟା ଯଥା-ଜନସଂଖ୍ୟା ବୃଦ୍ଧି, ବାଲ୍ୟ ବିବାହ, ଶିଳ୍ପାୟନ, ଭିନ୍ନ ଦୃଷ୍ଟିକୋଣରୁ ରାଜନୈତିକ, ଅର୍ଥନୈତିକ ଓ ନୈତିକ ସମସ୍ୟା ଇତ୍ୟାଦି ସଂକ୍ରାନ୍ତରେ ଚିନ୍ତା କରିବା ବା ସମସ୍ୟାକୁ ଗୁରୁତ୍ୱ ଦେବାର ଏକ ସୁଯୋଗ ପ୍ରଦାନ କରେ । ଏହା ମୁକ୍ତ/ଗାଣତନ୍ତ୍ରିକ କଥାବାର୍ତ୍ତା ଓ ବିବିଧ ମତ ଗ୍ରହଣକୁ ଗୁରୁତ୍ୱ ପ୍ରଦାନ କରେ । ଅନ୍ୟ ଅର୍ଥରେ କହିଲେ, ଖୋଲା ଆଲୋଚନା ଜରିଆରେ ନିଷ୍ପତ୍ତି ଗ୍ରହଣ ଓ ବିବିଧ ମତକୁ ସମ୍ମାନ ପ୍ରଦାନ ଜରିଆରେ ସମାଲୋଚନାତ୍ମକ ଶିକ୍ଷାଶାସ୍ତ୍ର ବିଜ୍ଞାନକୁ ସୁଗମ କରେ । ଏଥିରେ ଶିକ୍ଷକଙ୍କ ଭୂମିକା ହେଲା ପିଲାମାନଙ୍କୁ ସ୍ୱାଧୀନଭାବରେ ଚିନ୍ତା କରିବାକୁ ସୁଯୋଗ ଦେବା, ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଚିନ୍ତା କରିବାକୁ ସୁଯୋଗ ପ୍ରଦାନ, ମତ ରଖିବାକୁ ସୁଯୋଗ ପ୍ରଦାନ, ମତାମତ / ଚିନ୍ତନର ପର୍ଯ୍ୟାଲୋଚନା ଏବଂ ସମୂହ ନିଷ୍ପତ୍ତି ଗ୍ରହଣ ପାଇଁ ସୁଯୋଗ ପ୍ରଦାନ କରିବା ।

**କ୍ରିୟାକଳାପ-୧୪**

ତୁମ ଅଂଚଳରେ ଦେଖାଯାଉଥିବା ଦୁଇଟି ସାମାଜିକ ପ୍ରସଙ୍ଗକୁ ଚୟନ କର; ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମି ଆଧାରରେ ସେମାନଙ୍କ ସମ୍ଭାବ୍ୟ ଉତ୍ତରର ତାଲିକା ପ୍ରସ୍ତୁତ କର ।

କ)-

ଖ)-

### ଘଟଣା ଅନୁଧ୍ୟାନ: ଓଡ଼ିଶାର ଜଣେ ଆଦିବାସୀ ପିଲା କିପରି ଶିକ୍ଷାଗ୍ରହଣ କରେ

ଓଡ଼ିଶାର ଏକ ଦୁର୍ଗମ ଆଦିବାସୀ ଗାଁର ପିଲାଟିଏ(ଝିଅ ବା ପୁଅ) ବିଛଣାରୁ ଉଠି ତା' ସାନ ଭାଇଭଉଣୀଙ୍କ ସହ ଏବଂ/କିମ୍ବା ଗୃହପାଳିତ ପ୍ରାଣୀ ଯଥା-ଘୁଷୁରି, କୁକୁଡ଼ା, ଛେଳି ଆଦିଙ୍କ ସହ ଖେଳେ । ସକାଳ ପ୍ରାୟ ୭ଟା ସମୟରେ ସେ (ପୁଅ ବା ଝିଅ) ନିକଟସ୍ଥ ଝରଣା କୂଳକୁ ପାଇଖାନା ଯାଏ ଏବଂ ଆଖପାଖରେ ବା ରାସ୍ତାରେ ପଡୁଥିବା ଫଳମୂଳ, କୋଳି ଯଥା- ଆମ୍ବ, ତେନ୍ତୁଳି ଓ ମଟର ଧରି ଘଣ୍ଟାକ ପରେ ଫେରିଆସେ । ସକାଳ ୮ଟାରୁ ୯ଟା ମଧ୍ୟରେ ସେ ଖାଦ୍ୟ ଗ୍ରହଣ କରେ ଏବଂ ନିକଟସ୍ଥ ଜଙ୍ଗଲରେ କୃଷିକାର୍ଯ୍ୟ ବା ଅମଳରେ ପିତାମାତାଙ୍କୁ ସାହାଯ୍ୟ କରେ । ଜମିରେ ସେ ନେଇଥବା ଖାଦ୍ୟ ଖାଏ, ଜାଳେଣୀ କାଠ, ଫଳ, ଶାଗ, କନ୍ଦା ଇତ୍ୟାଦି ସଂଗ୍ରହ କରେ ଏବଂ ପିତାମାତା କାର୍ଯ୍ୟବ୍ୟସ୍ତ ଥିଲାବେଳେ ଛୋଟ ପିଲାଙ୍କ ଯତ୍ନ ନିଏ । ସଂଧ୍ୟା ୫ଟାରେ ସେ ଘରକୁ ପ୍ରତ୍ୟାବର୍ତ୍ତନ କରେ । କୌଣସି କାରଣବଶତଃ ସେ ପିତାମାତାଙ୍କ ସହ ଯାଇନଥିଲେ ଏବଂ ଶିକ୍ଷକ ବିଦ୍ୟାଳୟରେ ଉପସ୍ଥିତ ଥିଲେ ସେ ବିଦ୍ୟାଳୟ ଯାଇଥାଇପାରେ ଏବଂ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ସେଠାରେ ରହିଥାଏ । ଯଦି ଶିକ୍ଷକ ଅନୁପସ୍ଥିତ ଥାନ୍ତି (ଯାହା ଅଧିକାଂଶ ସମୟରେ ଦେଖିବାକୁ ମିଳେ) ସେ ସାଥୀମାନଙ୍କ ସହ ଖେଳିଥାଏ ବା ନିକଟସ୍ଥ ଜଙ୍ଗଲକୁ ଯାଇ ଜାଳେଣୀ କାଠ, ଫଳ, ଶାଗ, ଚଣା ଇତ୍ୟାଦି ସଂଗ୍ରହ କରିଥାଏ । ସଂଧ୍ୟା ପ୍ରାୟ ୭ଟା ବେଳେ ପିତାମାତା ଦେଶୀ ମଦ ପିଉଥିବା  ଏବଂ ବେଳେ ବେଳେ ସାଥୀମାନଙ୍କ ସହ ସାମୂହିକ ନୃତ୍ୟ ପରିବେଷଣକୁ ଲକ୍ଷ୍ୟ କରେ । ବେଳେ ବେଳେ ସେ ମଧ୍ୟ ଅଂଶଗ୍ରହଣ କରେ । ସାପ୍ତାହିକ ବଜାର ଦିନରେ ସେ କୃଷି ଉତ୍ପାଦ ବିକ୍ରି ଓ ଦୈନନ୍ଦିନ ସାମଗ୍ରୀ ଯଥା-ଲୁଣ, କିରାସିନି, ଦିଆସିଲି, ପୋଷାକ ଇତ୍ୟାଦି କ୍ରୟ ପାଇଁ ପିତାମାତାଙ୍କ ସହ ଯାଏ । ଚୈତି ପରବ, ପୁଷ ପରବ, ଦଶହରା ପରି ପର୍ବପର୍ବାଣୀରେ ସେ ନା ବିଦ୍ୟାଳୟ ଯାଏ ନା କ୍ଷେତକୁ । ପ୍ରତ୍ୟେକ ପର୍ବରେ ୧୦ ଦିନ ପାଇଁ

ଟିପ୍ପଣୀ

ସେ ପିତାମାତା ଓ ବନ୍ଧୁମାନଙ୍କ ସହ ଉତ୍ତମ ଖାଦ୍ୟ, ନାଚ, ଗୀତ ଉପଭୋଗ କରେ । ପୁଷ ପରବରେ ଜଣେ ବାଳକ ମଧ୍ୟ ତା' ପିତାମାତାଙ୍କ ସହ ଜଙ୍ଗଲକୁ ଶିକାର ପାଇଁ ଯାଏ । ବିଦ୍ୟାଳୟ ଯିବା ପାଇଁ ତା' ପିତାମାତା ବା ଅନ୍ୟ କେହି କେବେ ତାକୁ ବାଧ୍ୟ କରନ୍ତି ନାହିଁ ।

ଓଡ଼ିଶାର ଆଦିବାସୀ ପିଲାଙ୍କ କଥା ଅଧ୍ୟୟନ କରି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ:

୧- ଆଦିବାସୀ ପିଲାମାନଙ୍କୁ ସାମାଜିକ ବିଜ୍ଞାନ ଶିକ୍ଷାଦାନ/ଶିକ୍ଷଣର ଆଧାର ଭାବରେ କାହାଣୀରେ କେଉଁ ଅନୁଷ୍ଠାନ/ଘଟଣାକୁ ବ୍ୟବହାର କରାଯାଇଛି ?

୨-ଏକ ଆଦିବାସୀ ପିଲାକୁ ସାମାଜିକ ବିଜ୍ଞାନ ଶିକ୍ଷାଦାନର ଶିକ୍ଷାଦାନ ପଦ୍ଧତି/କୌଶଳର ନାମ କ'ଣ ?

୩-ସାମାଜିକ ବିଜ୍ଞାନ ଶିକ୍ଷାଦାନ ପାଇଁ ଶିକ୍ଷଣ ସାଧନ/ସାମଗ୍ରୀ/ଉଦାହରଣ ଭାବରେ ବ୍ୟବହୃତ ହୋଇପାରୁଥିବା ଧାରଣା/ବିଷୟବସ୍ତୁର ତାଲିକା କର ।

## ୬.୬. ସାରାଂଶ

ଭାରତ ବର୍ଷ ଏହାର ବିବିଧତା ପାଇଁ ଆଦର୍ଶ ଅଟେ । ମୂଳ ବାସିନ୍ଦା, ଧର୍ମ ଏବଂ ଭାଷା ସାଂସ୍କୃତିକ ବିବିଧତାର ମୁଖ୍ୟ ଉତ୍ସ । ଏହି ଦେଶରେ ୪୬୪୫ଟି ଚିହ୍ନିତ ହୋଇଥିବା ଗୋଷ୍ଠୀ ଅଛନ୍ତି; ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସ୍ୱତନ୍ତ୍ର ପ୍ରକାରର ପୋଷାକ, ଭାଷା, ପୂଜାର୍ଚ୍ଚନା ଶୈଳୀ, ବୃତ୍ତି, ଖାଦ୍ୟାଭ୍ୟାସ ଏବଂ ଲାଳନପାଳନ ପ୍ରକାର ରହିଛି । ଭିନ୍ନଭିନ୍ନ ଜାତି, ପନ୍ଥା, ଗୋଷ୍ଠୀର ପରିଚୟ ସତ୍ତ୍ୱେ ଏହି ଅଞ୍ଚଳର ଅନ୍ୟ ଲୋକମାନଙ୍କ ସହ ସେମାନଙ୍କର ଜୈବିକ ସମ୍ପର୍କ ରହିଛି । ସେମାନେ ନିରବଚ୍ଛିନ୍ନ ଭାବରେ ସାଂସ୍କୃତିକ ସମ୍ପର୍କ ବିଶେଷକରି ସମ୍ବଳ, ବିଶେଷଗୁଣ ଓ ସ୍ଥାନ ବଣ୍ଟନ ବଜାୟ ରଖିଛନ୍ତି । ଏହି ଧାରା ଭାରତର ବହୁବିଧ ଐତିହ୍ୟ ଓ ସାଂସ୍କୃତିକ ଏକତାର ସ୍ୱାତନ୍ତ୍ର୍ୟତାକୁ ସାକାର କରିଛି । ଏହି ପରିସ୍ଥିତିରେ ବିଶେଷକରି ପ୍ରାରମ୍ଭିକ ସ୍ତରରେ ସାମାଜିକ ବିଜ୍ଞାନର ବିଷୟବସ୍ତୁ/ଆଧେୟ ଓ ଶିକ୍ଷାଶାସ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତକାରୀ ଏବଂ ଶିକ୍ଷକଙ୍କ ପାଇଁ ଅନେକ ଆହ୍ୱାନ ସୃଷ୍ଟି କରିଛି ।

ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତିରୁ ଆନୀତ ସାମାଜିକ ବିଜ୍ଞାନର ବିଷୟବସ୍ତୁ/ଆଧେୟ ଯଥା- ଗୋଷ୍ଠୀ, ଭୂମିରୂପ, ସାଂସ୍କୃତିକ ବିକାଶ, ପରିବେଶ ଓ ବିନିଯୋଗ ଇତ୍ୟାଦି କ୍ରିୟାକଳାପ, ଅଭିଜ୍ଞତା ଓ ଉଦାହରଣରେ ପିଲାର ନିୟୋଜନ ଜରିଆରେ ପ୍ରସ୍ତୁତ ହୋଇଥାଏ । ଏହିସବୁ ଆଧାରିତ ସାମାଜିକ ବିଜ୍ଞାନ ଶିକ୍ଷାଦାନ ସାମାଜିକ ବିଜ୍ଞାନ ସମସ୍ୟା ଯଥା- ଦାରିଦ୍ର୍ୟ, ନିରକ୍ଷରତା, ଜନସଂଖ୍ୟା ବୃଦ୍ଧି, ସାମ୍ପ୍ରଦାୟିକତା ଇତ୍ୟାଦିକୁ ବୁଝିବାର ମୂଳ ହୋଇଥିବା ଶିକ୍ଷାର୍ଥୀଙ୍କ ଜ୍ଞାନାତ୍ମକ ଦକ୍ଷତା ଯଥା- ଅବଲୋକନ, ଚିହ୍ନଟକରଣ ଏବଂ ବର୍ଗୀକରଣ କ୍ଷମତା ସୃଷ୍ଟି କରିଥାଏ । ତେଣୁ, ଶିକ୍ଷାର ବିଭିନ୍ନ ସ୍ତରରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ସାଂଗଠନିକରଣ ଏବଂ ଶିକ୍ଷାଦାନ ପଦ୍ଧତି ପିଲାର ବିକାଶର ସ୍ତର ସହିତ ପରିବେଶକୁ ବିଚାରକୁ ନେବା ଉଚିତ । ଏହି ଆଧାରିତ ଶିକ୍ଷାଦାନ ସମାଜର ସାମାଜିକ-ଅର୍ଥନୈତିକ ସମସ୍ୟାକୁ ବୁଝିବା ପାଇଁ ଶିଶୁ ମଧ୍ୟରେ ଜ୍ଞାନାତ୍ମକ କ୍ଷମତା ସୃଷ୍ଟି କରିଥାଏ । ଆମ ଦେଶର ପିଲାମାନେ ତିନିଟି ପ୍ରମୁଖ ସାଂସ୍କୃତିକ ପୃଷ୍ଠଭୂମିର ଯଥା- ସହରାଞ୍ଚଳ, ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ହୋଇଥାନ୍ତି । ଯେଉଁମାନେ ବିଭିନ୍ନ ସାମାଜିକ ସମସ୍ୟା, ଧାରଣା ସଂସ୍ପର୍ଶରେ ଆସନ୍ତି । ଫଳରେ ସେମାନଙ୍କ ଧାରଣା ସୃଷ୍ଟି ସ୍ୱତନ୍ତ୍ର ହୋଇଥାଏ । ଶୈକ୍ଷିକତା ଓ ସାଧନ ସମେତ ଶିକ୍ଷାଦାନ ପଦ୍ଧତି ସେହିକାରଣରୁ ଭିନ୍ନ ଭିନ୍ନ ହୋଇଥାଏ ।

ଛାତ୍ରଛାତ୍ରୀମାନେ ସେମାନଙ୍କ ସ୍ଥିତି, ଆବଶ୍ୟକତା ଓ ସମସ୍ୟାର ଚରମ ପର୍ଯ୍ୟବେକ୍ଷକ । ତୁମେ ସେମାନଙ୍କ ପାଇଁ ସମାଧାନ ଖୋଜିବା ବା ପ୍ରସ୍ତୁତ କରିବା ଅନୁଚିତ । ବରଂ ତୁମେ ସେମାନଙ୍କ ଦକ୍ଷତା ବିଷୟରେ ସେମାନଙ୍କୁ ସଚେତନ କରାଇବା ଏବଂ ସ୍ୱାଧୀନ ଭାବରେ ଚିନ୍ତା କରିବା ପାଇଁ ପ୍ରୋତ୍ସାହିତ କରିବା ଆବଶ୍ୟକ । ପିଲାମାନେ ସେମାନଙ୍କ ନିଜସ୍ୱ ସ୍ଥିତି, ଆବଶ୍ୟକତା ଓ ସମସ୍ୟାର ଉତ୍କୃଷ୍ଟ ଅବଲୋକନକାରୀ । ତୁମେ ସେମାନଙ୍କୁ ସମାଧାନ ପନ୍ଥା କହିବା ଅନୁଚିତ । ବରଂ ତୁମେ ସେମାନଙ୍କୁ ସେମାନଙ୍କ ଦକ୍ଷତା ବିଷୟରେ ସଜାଗ କରାଇବ ଏବଂ ସ୍ୱାଧୀନ ଭାବରେ ଚିନ୍ତା କରିବାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ସେମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ମତାମତ ପ୍ରଦାନ କରିବା ପାଇଁ ଅନୁମତି ଦେବା ଆବଶ୍ୟକ । ତତ୍ ସହିତ ତୁମେ ମଧ୍ୟ ଖୋଲା ମନରେ ସେମାନଙ୍କ କଥା

ଶୁଣିବା ଏବଂ ତୁମକୁ କିଛି ମତାମତ ଅଗ୍ରହଣୀୟ ଲାଗୁଥିଲେ ହେଁ ସେମାନଙ୍କ ମତମତକୁ ତୁମେ ସମ୍ମାନ ଦେବା ଆବଶ୍ୟକ । ଏହାର  କେତେକ ଉଲ୍ଲେଖ ଯୋଗ୍ୟ ଶିକ୍ଷଣ ମୂଲ୍ୟ ରହିଛି । ଏହାର ବ୍ୟବସ୍ଥିତ ଭାବରେ ପ୍ରୟୋଗକୁ ସମାଲୋଚନାତ୍ମକ ଶିକ୍ଷାଶାସ୍ତ୍ର ବିଜ୍ଞାନ କୁହାଯାଏ ।

ଟିପ୍ପଣୀ

## ୬.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- India Languages. Retrieved from <http://www.indianchild.com/
- indian_languages.htm on 09/11/03>.
- Joyce, B. et .al. (2009): Models of Teaching (8th ed.), PHI Learning Pvt. Ltd, New Delhi, pp.103-124
- NCERT (2005): National Curriculum Framework 2005, New Delhi
- NCERT (2005): National Curriculum Framework 2005: Syllabus for classes at the Elementary Level, Vol.I , New Delhi
- NCERT (2006): Position Paper: National Focus Group on Teaching of Social Sciences, New Delhi
- Singh, K.S. (1996): Identity, Ecology, Social Organization, Economy, Linkages and Development Process: A Quantitative Profile. New Delhi, Oxford University Press and ASI
- Vygotsky, L.S (1978): Mind in Society: The Development of Bigber Psychological Process. Cambridge. MA, Harvard University Press; In S.Vosniadou (— —) Ed. How Children Learn, Educational Practice Series -7., IAE-IBE,
- UNESCO, Switzerland: Available at: www.ibe.unesco.org


## ୬.୮. ପାଠାନ୍ତ ପ୍ରଶ୍ନାବଳୀ

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ:

୧- ପ୍ରାରମ୍ଭିକ ସ୍ତରରେ ଅନ୍ତର୍ନିବେଶୀ ଶ୍ରେଣୀକକ୍ଷ ପ୍ରସଙ୍ଗ(ବିଭିନ୍ନ ପୃଷ୍ଠଭୂମିର ଛାତ୍ରଛାତ୍ରୀ ରହିଥିବା ଶ୍ରେଣୀକକ୍ଷ)ରେ ସାମାଜିକ ବିଜ୍ଞାନ ଶିକ୍ଷଣ ବହିର୍ନିବେଶୀ (ଯେଉଁ ଶ୍ରେଣୀକକ୍ଷରେ ଗୋଟିଏ ବା ସୀମିତ ପୃଷ୍ଠଭୂମିଯୁକ୍ତ ଛାତ୍ରଛାତ୍ରୀ ରହିଥିବେ) ତୁଳନାରେ ଅଧିକ ଅର୍ଥପୂର୍ଣ୍ଣ ହୋଇଛି । ଉଦାହରଣ ସହ ବର୍ଣ୍ଣନା କର ।

୨- ବୋଧଶକ୍ତି ସ୍ତର ଦୃଷ୍ଟିରୁ ପ୍ରାରମ୍ଭିକ ସ୍ତରରେ ସାମାଜିକ ବିଜ୍ଞାନର ପ୍ରଭାବୀ ଶିକ୍ଷଣ ଶିକ୍ଷାଦାନ ପାଇଁ ଯେଉଁସବୁ ଦିଗଗୁଡିକୁ ତୁମେ ଗୁରୁତ୍ୱପୂର୍ଣ୍ଣ ଭାବୁଛ ତାହାର ଏକ ତାଲିକା କର ।

୩- ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷଣକୁ ସୁଗମ କରୁଥିବା ସ୍ଥିତି/ଧାରଣାର ତାଲିକା କର ।

୪- ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷଣକୁ ସୁଗମ କରୁଥିବା ସ୍ଥିତି/ଧାରଣାର ତାଲିକା କର ।

୫- ସହରାଞ୍ଚଳରେ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷଣକୁ ସୁଗମ କରୁଥିବା ସ୍ଥିତି/ଧାରଣାର ତାଲିକା କର ।